

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୦୩ ଜୁନ୍ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONAY 03 June 2024

Vol.No. 35 ■ No.148 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ତ୍ରାହି ନାହିଁ: ପଶ୍ଚିମରେ ତାତିବ, ଉପକୂଳରେ କଲବଲ କରିବ ପ୍ରଚଣ୍ଡ ଗୁଳୁଗୁଳି

ଭୁବନେଶ୍ୱର, ୨/୬ (ନି.ପ୍ର): ପଶ୍ଚିମ ଓଡ଼ିଶାରେ ହିଟ୍ ୱେଭ୍ ଜାରି ରହିବ। ଆଉ ଉପକୂଳ ଓଡ଼ିଶାରେ କଲବଲ କରିବ ଗୁଳୁଗୁଳି। ଉପକୂଳ ଓଡ଼ିଶାରେ ପାଞ୍ଚ ଦିନ ପ୍ରଚଣ୍ଡ ଗୁଳୁଗୁଳି ହେବ ବୋଲି କହିଛନ୍ତି ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶକ ମନୋରମା ମହାନ୍ତି। ସେ କହିଛନ୍ତି, ଗତ ୨୪ ଘଣ୍ଟାରେ ରାଜ୍ୟର ୩ଟି ସହରର ତାପମାତ୍ରା ୪୫ ଡିଗ୍ରୀ କିମ୍ବା ତା'ଠାରୁ ଅଧିକ ରେକର୍ଡ କରଯାଇଛି। ୧୨ ଟି ସହରରେ ୪୧ ଡିଗ୍ରୀ ବା ତା'ଠାରୁ ଅଧିକ ତାପମାତ୍ରା ରେକର୍ଡ ହୋଇଛି। ଧୀରେ ଧୀରେ ଦିନ ତାପମାତ୍ରା ହ୍ରାସ ପାଇଛି। କିନ୍ତୁ ବେଶୀ ହ୍ରାସ ପାଇନାହିଁ। ହିଟ୍ ?ୱେଭ୍ ଜାରି ରହିବ। ବଲାଙ୍ଗିର, ବରଗଡ଼, କଳାହାଣ୍ଡି, ନୂଆପଡା ଓ ସୋନପୁରରେ ଜୁନ୍ ୨ (ଆଜି), ୩ ଓ ୪ ତାରିଖରେ ହିଟ୍ ୱେଭ ସ୍ଥିତି ଜାରି ରହିବାର ସମ୍ଭାବନା ରହିଛି। ଆଜି ଓ ଆସନ୍ତାକାଲି ତାପମାତ୍ରାରେ ୧ ବା ୨ ଡିଗ୍ରୀ ହ୍ରାସ ହୋଇପାରେ। ଆଭ୍ୟନ୍ତରୀଣ ଓଡିଶାର କିଛି ଜିଲ୍ଲାରେ ୪୦ ଡିଗ୍ରୀ ବା ତା' ଉପରେ ତାପମାତ୍ରା ରହିବାର ସମ୍ଭାବନା ରହିଛି। ଆଗାମୀ ୫ ଦିନ ପର୍ଯ୍ୟନ୍ତ ଉପକୂଳବର୍ତ୍ତୀ ଅଞ୍ଚଳରେ ତାତି ଓ ଗୁଳୁଗୁଳି ସ୍ଥିତି ରହିବ। ଆଜି କିଛି କିଛି ସ୍ଥାନରେ ହାଲ୍‌କାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ତା' ସହିତ ବିଜୁଳି ଓ ଘଡ଼ଘଡ଼ି ମାରିବ ଏବଂ ଘଣ୍ଟା ପ୍ରତି ୩୦ରୁ ୪୦ କିମି ବେଗରେ ▶▶ପୃଷ୍ଠା ୭

ଏକଜିଟ ପୋଲ: ଜଗନଙ୍କଠାରୁ ଆନ୍ଧ୍ର ପ୍ରଦେଶ ଛଡ଼ାଇ ଆଣିବ ଏନଡିଏ

ନୂଆଦିଲ୍ଲୀ, ୨/୬ :ଆନ୍ଧ୍ରପ୍ରଦେଶ ବିଧାନସଭା ନିର୍ବାଚନରେ ଏନଡିଏକୁ ମିଳିବ ବିପୁଳ ଜନମତ। ଗାଦିଚ୍ୟୁତ ହେବେ ମୁଖ୍ୟମନ୍ତ୍ରୀ ଜଗନ ମୋହନ ରେଡ୍ଡୀ। ଜଗନ ରେଡ୍ଡୀଙ୍କ ୱାଇଏସ୍‌ଆର କଂଗ୍ରେସକୁ ଲାଗିବ ଜୋରଦାର ଝଟକା। ଇଣ୍ଡିଆ ଟୁଡେ ଆକ୍ସିସ୍ ମାଇଁ ଇଣ୍ଡିଆ ପକ୍ଷରୁ କରାଯାଇଥିବା ଏକଜିଟ୍ ପୋଲ୍ ସର୍ଭେରେ ଏପରି କିଛି ଦାବି କରାଯାଇଛି। ସଂସ୍ଥା କହିଛି ଯେ ଆନ୍ଧ୍ରର ୧୭୫ଟି ବିଧାନସଭା ଆସନରୁ ବିଜେପି-ଟିଡିପି-ଜନସେନା ମିଳିତ ଭାବେ ୯୮ରୁ ୧୨୦ଟି ସିଟ୍ ପାଇବେ। ଜଗନଙ୍କ ୱାଇଏସ୍‌ଆର କଂଗ୍ରେସ ୫୫ରୁ ୭୭ଟି ଆସନ ଜିତିବ। ଦୟନୀୟ ପ୍ରଦର୍ଶନ ସହ ଇଣ୍ଡିଆ ମେଣ୍ଟ ଅତି ବେଶୀରେ ୨ଟି ଆସନ ଜିତିପାରେ। ଏନଡିଏ ମେଣ୍ଟରେ ଥିବା ଦଳ ମାନଙ୍କ ପ୍ରଦର୍ଶନକୁ ଦେଖିଲେ ବିଜେପି ସପକ୍ଷରେ ୪ରୁ ୬ ସିଟ୍ ଯାଉଥିଲା ବେଳେ ଚନ୍ଦ୍ରବାବୁ ନାଇଡୁଙ୍କ ଟିଡିପିକୁ ୭୮ରୁ ୯୬ ଓ ପବନ କଲ୍ୟାଣଙ୍କ ଜନସେନା ପାର୍ଟି ୧୬ରୁ ୧୮ ସିଟ୍ ପାଇବାର ସମ୍ଭାବନା ରହିଛି। ୨୦୧୯ରେ ୱାଇଏସ୍‌ଆର କଂଗ୍ରେସ ଏକାକୀ ୧୫୧ଟି ଆସନ ଜିତି ସରକାର ଗଢ଼ିଥିଲା। ଟିଡିପି ମଧ୍ୟ ଏକାକୀ ଲଢ଼ିଥିଲା। ହେଲେ ଏଥିର ଆସନ ଅଙ୍କନ ବଦଳିବାର ସମ୍ଭାବନା ଥିବା କୁହାଯାଛି। ସର୍ଭେ ସଂସ୍ଥା କହିଛି ଏନଡିଏ ୨୦୧୯ ଅପେକ୍ଷା ଏଥର ଅଧିକ ୮୫ଟି ଆସନ ଜିତିବ। ୱାଇଏସ୍‌ଆର କଂଗ୍ରେସର ଆସନ ହ୍ରାସ ପାଇବ। ଏନଡିଏର ଭୋଟ ଶେୟାର ୫% ବଢ଼ିବାକୁ ଥିବା ବେଳେ ଇଣ୍ଡିଆ ମେଣ୍ଟ ମଧ୍ୟ ଅଧିକ ୧% ଭୋଟ ପାଇବ। କିନ୍ତୁ ଜଗନଙ୍କ ଭୋଟ ଶେୟାର ୬% ହ୍ରାସ ପାଇବ।

ଦୁଇ ଟ୍ରେନ୍ ମଧ୍ୟରେ ଧକ୍କା: ଡ୍ରାଇଭର ଗୁରୁତର

ନୂଆଦିଲ୍ଲୀ, ୨/୬ : ପୁଣି ଟ୍ରେନ୍ ଦୁର୍ଘଟଣା। ପରସ୍ପର ଧକ୍କା ହେଲା ଦୁଇ ମାଲବାହୀ ଟ୍ରେନ୍। ପଞ୍ଜାବର ଫତେହଗଡ ସାହିବର ସରହିନ୍ଦର ମାଧୋପୁର ନିକଟରେ ଏହି ଦୁର୍ଘଟଣା ଘଟିଛି। ଏଥିରେ ଦୁଇ ଟ୍ରେନ୍ ଡ୍ରାଇଭର ଆହତ ହୋଇଛନ୍ତି। ଆହତଙ୍କୁ ଶ୍ରୀ ଫତେହଗଡ ସାହିବ ସିଭିଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତେବେ ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ଉଭୟଙ୍କୁ ରାଜିନ୍ଦର ହସ୍ପିଟାଲ ପଟିଆଲାକୁ ରେଫର କରାଯାଇଛି। ସେପଟେ ଦୁର୍ଘଟଣାସ୍ଥଳର ଭିଡିଓ ଓ ଫଟୋ ସାମ୍ନାକୁ ଆସିଛି। ଫଟୋରେ ଉଭୟ ଟ୍ରେନ୍ ପୂରାପୁରି କ୍ଷତିଗ୍ରସ୍ତ ହୋଇ ପଡିଛି।

ରାଉରକେଲାରେ ଅସ୍ୱାଭାବିକ ମୃତ୍ୟୁସଂଖ୍ୟା ୩୫ ଛୁଇଁଲା: ହିଟଷ୍ଟ୍ରୋକରେ ୬ ମୃତ

ରାଉରକେଲା, ୨/୬ (ନି.ପ୍ର): ରାଉରକେଲା ସହରରେ ଲୋକଙ୍କର ଅସ୍ୱାଭାବିକ ମୃତ୍ୟୁରେ ଲଗାମ ଲାଗୁନାହିଁ। ସ୍ଥିତି ଏପରି ହୋଇଛି ଯେ ଆଜି ଅସ୍ୱାଭାବିକ ମୃତ୍ୟୁସଂଖ୍ୟା ୩୫ରେ ପହଞ୍ଚି ଯାଇଛି। ଏମାନଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୬ଜଣଙ୍କର ମୃତ୍ୟୁ ଅଂଶୁଘାତ ଯୋଗୁ ହୋଇଥିବା ଅତିରିକ୍ତ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି ଯେ ଗତ ୩୦ ତାରିଖରେ ପ୍ରବଳ ଖରା ହୋଇଥିବାରୁ ସର୍ବାଧିକ ମୃତ୍ୟୁ ସେହିଦିନ ଘଟିଥିଲା। ଏମାନେ ହିଟଷ୍ଟ୍ରୋକରେ ପ୍ରାଣ ହରାଇଥିବା ସନ୍ଦେହ କରାଯାଉଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଓ ତଦନ୍ତ ପରେ ଏହା ସ୍ପଷ୍ଟ ହେବ। ୩୫ଟି ଅସ୍ୱାଭାବିକ ମୃତ୍ୟୁ ନେଇ ଅଭିଯୋଗ ହୋଇଛି। ସେମାନଙ୍କ ମଧ୍ୟରୁ ୪ ଜଣ ଲୋକଙ୍କ ପରିବାର ବର୍ଗ ଶବବ୍ୟବଚ୍ଛେଦ କରିବାକୁ ରାଜି ହୋଇ ନଥିଲେ। ବାକି ୩୧ଟି ମୃତଦେହ ମଧ୍ୟରୁ ▶▶ପୃଷ୍ଠା ୭

ପୁରୀ ବାଣ ବିସ୍ଫୋରଣ ଘଟଣା: ଗଲାଣି ୧୩ ଜଣଙ୍କ ଜୀବନ



ପୁରୀ, ୨/୬ (ନି.ପ୍ର): ପୁରୀ ନରେନ୍ଦ୍ର ପୋଖରୀ ବାଣ ବିସ୍ଫୋରଣ ଘଟଣାରେ ଆଉ ୨ ଜଣଙ୍କର ମୃତ୍ୟୁ। ସରକାରୀ ଭାବେ ମୃତ୍ୟୁସଂଖ୍ୟା ୧୩କୁ ବୃଦ୍ଧି ପାଇଛି। ଏବେ ବି ୧୭ ଜଣ ବିଭିନ୍ନ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ମୃତକଙ୍କ ମଧ୍ୟରେ ଖଣ୍ଡିଆବନ୍ଧ ସାହିର ଗୋଟିଏ ପରିବାରର ୪ଜଣ ଅଛନ୍ତି। ଶନିବାର ସକାଳେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ଖଣ୍ଡିଆବନ୍ଧ ବାରବାଟୀର ୬ ବର୍ଷୀୟା ଝିଅ ପ୍ରତୀକ୍ଷା ସାହୁଙ୍କର ମୃତ୍ୟୁ ଘଟିଛି। ତା ପୂର୍ବଦିନ ତାଙ୍କ ବାପା ହେମନ୍ତ ସାହୁ ଆଖି ବୁଜିଥିଲେ। ସେହିପରି ତାପୂର୍ବରୁ ସେହି ପରିବାରର ଆଉ ଜଣେ କୁନିଝିଅ ସମୃଦ୍ଧିଙ୍କ ବାପା ପ୍ରଶାନ୍ତ ସାହୁ ମଧ୍ୟ ଆଖି ବୁଜିଥିଲେ। ଏଥିସହ ବ୍ରହ୍ମଗିରି ଅରଖକୁଦାର ଶଙ୍କର ବେହେରାଙ୍କର ମଧ୍ୟ ଚିକିତ୍ସାଧୀନ ଅବସ୍ଥାରେ ଜୀବନ ଯାଇଛି। ଏବେ ବି ବିଭିନ୍ନ ହସ୍ପିଟାଲରେ ୧୭ଜଣ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ଭିତରୁ କିଛି ଜଣଙ୍କ ୯୦ ରୁ ୯୫ ପ୍ରତିଶତ ଶରୀର ପୋଡ଼ିଯାଇଥିବାରୁ, ▶▶ପୃଷ୍ଠା ୭

ଓଡ଼ିଶା ବିଧାନସଭା ନିର୍ବାଚନରେ ବିଜେଡି-ବିଜେପି କାଣ୍ଟେକା ଟକ୍କର

ଭୁବନେଶ୍ୱର, ୨/୬ (ନି.ପ୍ର): ଓଡ଼ିଶାରେ ଦୀର୍ଘ ୨୪ ବର୍ଷ ହେଲା ଶାସନ କରି ଆସୁଥିବା ବିଜେଡିକୁ ଚଳିତ ବିଧାନସଭା ନିର୍ବାଚନରେ ଲାଗିପାରେ ଶକ୍ତ ଝଟକା। ବିଜେପି ଓ ବିଜେଡି ମଧ୍ୟରେ ଦେଖିବାକୁ ମିଳିବ କାଣ୍ଟେକା ଟକ୍କର। ଓଡ଼ିଶା ବିଧାନସଭାର ୧୪୭ ଆସନ ପାଇଁ ଭୋଟିଂ ସରିଥିବା ବେଳେ ଆସନ୍ତା ୪ ତାରିଖରେ ରେଜଲ୍ଟ ପ୍ରକାଶ ପାଇବ। ଏହାପୂର୍ବରୁ ଜାତୀୟ ଗଣମାଧ୍ୟମ ଇଣ୍ଡିଆ ଟୁଡେ-ଆକ୍ସିସ ମାଇଁ ଇଣ୍ଡିଆର ଏକଜିଟ ପୋଲ ରିପୋର୍ଟ ପ୍ରକାଶ ପାଇଛି। ଏହି ରିପୋର୍ଟରେ ବିଜେପି ଓଡ଼ିଶା ବିଧାନସଭାରେ ଚମକାଇ ଦେବା ଭଳି ରେଜଲ୍ଟ କରିବ। ୧୪୭ ବିଧାନସଭା ଆସନରୁ ଦଳ ୬୨ରୁ ୮୦ଟି ଆସନ ଜିତିବାର ସମ୍ଭାବନା ଥିବା ଇଣ୍ଡିଆ ଟୁଡେ-ଆକ୍ସିସ ମାଇଁ ଇଣ୍ଡିଆ ଦାବି କରିଛି। ସେହିପରି ନବୀନ ପଟନାୟକଙ୍କ ବିଜେଡି ମଧ୍ୟ ୬୨ରୁ ୮୦ ଆସନ ପାଇପାରେ। କଂଗ୍ରେସକୁ ଏହି ସଂସ୍ଥା ୫ରୁ ୮ଟି ଆସନ ଦେଇଛି। ଯଦି ଏକଜିଟ ପୋଲ ସର୍ଭେ ଠିକ ହୁଏ, ତା'ହେଲେ ରାଜ୍ୟରେ ରୋମାଞ୍ଚକର ସ୍ଥିତି ସୃଷ୍ଟି ହେବ। ଏପରି କି ଓଡ଼ିଶାରେ ଝୁଲା ବିଧାନସଭା ମଧ୍ୟ ଦେଖିବାକୁ ମିଳିପାରେ। ସେହିପରି ୨୦୦୪ ପରେ ବିଜେଡି ରାଜ୍ୟରେ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ପାଇବାରୁ ବଞ୍ଚିତ ହେବ। ଇଣ୍ଡିଆ ଟୁଡେ-ଆକ୍ସିସ ମାଇଁ ଇଣ୍ଡିଆର କହିଛି ଯେ ବିଜେପି ଓ ବିଜେଡିର ଭୋଟ ପ୍ରତିଶତ ସମାନ ୪୨% ଲେଖାଏ ରହିବ। କଂଗ୍ରେସ ୧୨% ଭୋଟ ପାଇପାରେ। ରାଜ୍ୟର ୧୪୭ ବିଧାନସଭା ଓ ୨୧ ଲୋକସଭା ଆସନ ପାଇଁ ମେ' ୧୩, ମେ' ୨୦, ମେ' ୨୫ ଓ ଜୁନ ୧ରେ ଭୋଟିଂ ହୋଇଥିଲା। ୨୦୧୯ ବିଧାନସଭା ନିର୍ବାଚନରେ ବିଜେହି ଏକାକୀ ୧୧୨ଟି ଆସନ ଜିତିଥିବା ବେଳେ ବିଜେପି ମାତ୍ର ୨୩ଟି ଓ କଂଗ୍ରେସ ଖାତାକୁ ୯ଟି ଆସନ ଯାଇଥିଲା। ୨୦୨୪ରେ ବିଜେଡି ଓ ବିଜେପି ୧୪୭ ଲେଖାଏ ଆସନରେ ପ୍ରାର୍ଥୀ ଦେଇଥିଲେ। କଂଗ୍ରେସ ୧୪୫ ଆସନରେ ଟିକେଟ ଦେଇଥିଲା।

ବଜ୍ରାଘାତ ନେଲା ୨ ଜଣଙ୍କ ଜୀବନ

ବ୍ରହ୍ମପୁର, ୨/୬ (ନି.ପ୍ର): ପ୍ରବଳ ଗ୍ରୀଷ୍ମ ପ୍ରବାହ ମଧ୍ୟରେ ଆଜି ଅପରାହ୍ନରେ କାଳବୈଶାଖୀ ବ୍ରହ୍ମପୁରର ଦିଗପହଣ୍ଡିରେ ତାଣ୍ଡବ ରଚିଛି। ଅଚାନକ ବର୍ଷା ବେଳେ ବିଜୁଳି ମାରିବାରୁ ୨ ଜଣ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ଦ୍ୱୟ ହେଲେ ନିରାକାରପୁର ଡୁବୁର ପ୍ରଧାନ ଓ ପୋଲସରାର ଶାନ୍ତନୁ। ଏମାନେ ପାଟପୁର ଗାନ୍ଧୀ ଛକ ନିକଟରେ ପଢ଼ିଥିବା ମିନା ବଜାର କାମ କରୁଥିଲେ। ପ୍ରବଳ ଖରାରେ ଏମାନେ କାମ କରି ଥକି ଯିବାରୁ ନିକଟସ୍ଥ ଗୋଟିଏ ଆମ୍ବଗଛ ତଳେ ବିଶ୍ରାମ ନେଇଥିଲେ। ▶▶ପୃଷ୍ଠା ୭

ଆତ୍ମସମର୍ପଣ କଲେ କେଜ୍ରିୱାଲ

ନୂଆଦିଲ୍ଲୀ, ୨/୬ : ଅନ୍ତରୀଣ ଜାମିନ କଣ୍ଟ ପୂରିବା ପରେ ତିହାର ଜେଲ୍ କର୍ତ୍ତୃପକ୍ଷଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଆଜି କେଜ୍ରିୱାଲ ଜେଲ୍ କର୍ତ୍ତୃପକ୍ଷଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଜେଲ ନିୟମ ଅନୁସାରେ ସୂର୍ଯ୍ୟାସ୍ତ ପୂର୍ବରୁ କର୍ତ୍ତୃପକ୍ଷଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି କେଜ୍ରିୱାଲ। ଜେଲ୍ ଫେରିବା ପୂର୍ବରୁ ରାଜଘାଟରେ ମହାତ୍ମା ଗାନ୍ଧିଙ୍କ ସ୍ମାରକୀ ଏବଂ କନକ ପ୍ଲେସରେ ଥିବା ହନୁମାନ ମନ୍ଦିର ପରିଦର୍ଶନ କରିଥିଲେ କେଜ୍ରିୱାଲ। ଏଥିସହ ଦିଲ୍ଲୀର ଡିଡିୟୁ ମାର୍ଗରେ ଥିବା ଇଇଚ କାର୍ଯ୍ୟାଳୟକୁ ବି ଯାଇଥିଲେ। ଆପ୍ କାର୍ଯ୍ୟାଳୟରେ ଦଳୀୟ କର୍ମୀଙ୍କୁ ଭେଟି ସେମାନଙ୍କ ସହ ଆଲୋଚନା କରିଛନ୍ତି। ଦଳୀୟ ▶▶ପୃଷ୍ଠା ୭

ମ୍ୟାଜିକ୍ ନମ୍ବର ଡେଇଁଲା ବିଜେପି: ଅରୁଣାଚଳରେ ପୁଣି ଫୁଟିଲା ପଦ୍ମ

■ଏସକେଏମର କ୍ଲିନ୍ ସ୍ୱିପ୍: ସିକ୍କିମ୍‌ରେ ପୁଣି ପ୍ରେମ୍ ସରକାର■

ଅରୁଣାଚଳରେ ପୁଣି ଫୁଟିଲା ପଦ୍ମ। ମ୍ୟାଜିକ୍ ନମ୍ବର ପାର କଲା ଦଳ। ମୋଟ ୬୦ ଆସନରୁ ୪୫ଟି ଆସନରେ ବିଜେପି ଜିତିଥିବା ସୂଚନା ମିଳିଛି। ସେହିପରି ୧ଟି ଆସନରେ ଦଳ ଏବେବି ଆଗୁଆ ରହିଛି। ତେବେ ଏହି ନିର୍ବାଚନ ଫଳାଫଳ ସାମ୍ନାକୁ ଆସିବା ପରେ ବିଜେପି ଏଠାରେ ପୁଣି ଥରେ ସରକାର ଗଢ଼ିବା ଏକ ପ୍ରକାର ସ୍ପଷ୍ଟ ହୋଇଯାଇଛି। ଏହା ବ୍ୟତୀତ ଏନପିପି ୪ଟି ସିଟ୍ ଜିତିଛି ଏବଂ ୨ଟିରେ ଆଗରେ ଅଛି। ରାଜ୍ୟରେ ବିଧାନସଭାରେ ମ୍ୟାଜିକ ନମ୍ବର ୩୧ ହୋଇଥିବାବେଳେ ବିଜେପି ଏହାକୁ ଟପି ଯାଇ ୪୫ ଆସନ ନିଜ ଦଖଲକୁ ନେଇଛି। ଅର୍ଥାତ୍? ବିଜେପି ନେତୃତ୍ୱାଧିନ ପେମା ଖାଣ୍ଡୁଙ୍କ ଦଳ ପୁଣି ସରକାର ଗଢିବାକୁ ଯାଉଛି। ଯାହାକୁ ନେଇ ରାଜ୍ୟର ବିଜେପି ଶିବିର ଉତ୍ସବ ମୁଖର ହୋଇ ଉଠିଛି। ଘୋଷଣା ପୂର୍ବରୁ ବିଜେପି କର୍ମୀ ଓ ନେତାମାନେ ବାଜା ବଜାଇ ବାଣ ଫୁଟାଇ ସେଲିବ୍ରେଶନ କରିଛନ୍ତି। ପରସ୍ପରକୁ ମିଠା ବାଣ୍ଟିଛନ୍ତି। ଆଜି ସକାଳୁ ଅରୁଣାଚଳରେ ମତ ଗଣନା ଜାରି ରହିଥିବାବେଳେ ବିଜେପି ଆଗରେ ଥିଲା। ଏଥର ବିଜେପି ମୋଟ ୬୦ଟି ଆସନରୁ ୪୬ଟି ଆସନରେ ପ୍ରାର୍ଥୀ ଦେଇଥିଲା। ପୂର୍ବରୁ ବିଜେପିର ୧୦ଜଣ ପ୍ରାର୍ଥୀ ଏଠାରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇ ସାରିଛନ୍ତି। ତେବେ ଏଠାରେ ମୁଖ୍ୟ ବିରୋଧୀ ଦଳ ଏନପିପିକୁ ୫ଟି ଆସନ ମିଳିଛି। ସେହିପରି କଂଗ୍ରେସ କେବଳ ଗୋଟିଏ ଆସନ ହାତେଇ ପାରିଛି। ଅନ୍ୟାନ୍ୟ ୭ଟି ଆସନରେ ଜିତିଛି ଓ ୧ ଆସନରେ ଆଗୁଆ ଅଛି। ସେହିପରି ସିକ୍କିମ୍ ଉପରେ କବ୍‌ଜ କଲା ଏସ୍‌କେଏମ୍। ଚମତ୍କାର ବିଜୟ ହାସଲ କରିଛି ସିକ୍କିମ୍ କ୍ରାନ୍ତିକାରୀ ମୋର୍ଚ୍ଚା। ଏଠାରେ ଦଳ କ୍ଲିନ୍ ସ୍ୱିପ୍ କରିଛି। ମୋଟ ୩୨ଟି ଆସନରୁ ୩୧ଟି ଆସନ ଦଖଲ କରିଛି ଏସକେଏମ୍। ପୁଣି ଥରେ ଦ୍ୱିତୀୟ ଥର ପାଇଁ ସରକାର ଗଠନ କରିବାକୁ ଯାଇଛି ପ୍ରେମ ସିଂହ ▶▶ପୃଷ୍ଠା ୭

୧୮ ପଞ୍ଚାୟତରେ ପାଣି ପାଇଁ ହାହାକାର: ଅବଧି ସରିଲା, ପାଣି ମିଳିଲାନି

ମନ୍ଥର ଗତିରେ ୧୬୩ କୋଟିର ପ୍ରକଳ୍ପ

ବୈପାରିଗୁଡ଼ା, ୨/୬ (ନି.ପ୍ର): ଦୂର ହେବ ପାନୀୟ ଜଳ ସଙ୍କଟ। ୨୦୨୨ ସୁଦ୍ଧା ପ୍ରତି ଘରକୁ ପହଞ୍ଚିବ ପାଣି। ଉପକୃତ ହେବେ ୧୮ ପଞ୍ଚାୟତବାସୀ। ରାଜ୍ୟ ସରକାରଙ୍କ ଏପରି ପ୍ରତିଶ୍ରୁତିକୁ ବିତିଲାଣି ୩ ବର୍ଷ। ପ୍ରକଳ୍ପ ଅବଧି ମଧ୍ୟ ସରିଗଲାଣି। ଅଥଚ ଲୋକଙ୍କୁ ମିଳୁନି ପାଣି। ଫଳରେ ଗ୍ରୀଷ୍ମରେ ବୈପାରିଗୁଡ଼ା ବ୍ଲକରେ ସୃଷ୍ଟି ହୋଇଛି ହାହାକାର ସ୍ଥିତି। ବୈପାରିଗୁଡ଼ା ବ୍ଲକରେ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ଲାଗି ୨୦୨୧ ମସିହାରେ ଘୋଷଣା କରିଥିଲେ ରାଜ୍ୟ ସରକାର। ୧୬୩ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ପ୍ରକଳ୍ପର ଟେଣ୍ଡର ହାତେଇଛି ମହରାଷ୍ଟ୍ରର ଜେଏମ୍‌ସି କମ୍ପାନି। ୧୮ଟି ପଞ୍ଚାୟତର ୨୮ ହଜାର ୨୫୦ ପରିବାରକୁ ପାଣି ଯୋଗାଇବା ପାଇଁ ମହୁଲି ପଞ୍ଚାୟତର ପେଟା ଘାଟିରେ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ଚାଲିଛି। ପ୍ରକଳ୍ପରୁ ପ୍ରତି ଘରକୁ ପାଣି ପହଞ୍ଚାଇବା ପାଇଁ ୮୩୦ କିମି ଅଞ୍ଚଳରେ ପାଇପ୍ ବିଛାଯିବ। ଏଥିପାଇଁ ନିର୍ମାଣ ହେବ ୧୭ଟି ଓଭରହେଡ୍ ପାଣି ଟାଙ୍କି। ୨୦୨୨ ସେପ୍ଟେମ୍ବର ସୁଦ୍ଧା ନିର୍ମାଣ କାର୍ଯ୍ୟ ସାରିବାକୁ ରାଜ୍ୟ ସରକାର ସମୟ ସୀମା ଧାର୍ଯ୍ୟ କରିଥିଲେ। ଇତି ମଧ୍ୟରେ ଅବଧିକୁ ଦୁଇ ବର୍ଷ ବିତିବାକୁ ଯାଉଛି। କାମ ୫୦ ପ୍ରତିଶତ ସରିଥିବା ବେଳେ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବାକୁ ଲାଗିବ ଆହୁରି ଏକ ବର୍ଷ। ବିଳମ୍ବକୁ ନେଇ ଠିକାସଂସ୍ଥା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ବଦଳରେ ପ୍ରଶାସନ ଉଦାରପଣ ହୋଇ ନିର୍ମାଣ ଅବଧିକୁ ମଧ୍ୟ ବୃଦ୍ଧି କରିଛି। ଏପଟେ ଲୋକେ ପାଣି ମୁନ୍ଦାଏ ପାଇଁ ଛଟପଟ ହେଉଛନ୍ତି। ମିଳିଥିବା ସୂଚନା ମୁତାବକ, ବିଛା ହେବାକୁ ଥିବା ୮୩୦ କିମି ପାଇପ୍ ଲାଇନ୍ ମଧ୍ୟରୁ ଏଯାବତ୍ ୭୦୦ କିମି ଅଞ୍ଚଳରେ କାମ ସରିଛି। ୧୩୦ କିମି ଅଞ୍ଚଳରେ ପାଇପ୍ ଲାଇନ୍ ବିଛା ଯାଇନି। ସେହିପରି ୧୭ଟି ଓଭରହେଡ୍ ପାଣି ଟାଙ୍କି ମଧ୍ୟରୁ ୧୦ଟିର କାର୍ଯ୍ୟ ସରିଛି। ଯେଉଁ ୧୦ଟି ସରିଛି ତାହା ବି ପାନୀୟ ଜଳ ଯୋଗାଣ ନେଇ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇପାରିନି। ଅନ୍ୟ ୭ଟିର ନିର୍ମାଣ ଚାଲିଥିବା ବେଳେ ଶ୍ରମିକ ସମସ୍ୟା କାରଣରୁ ଅଧାପନ୍ତରିଆ ହୋଇ ପଡ଼ିଛି। ପାନୀୟ ଜଳ ପ୍ରକଳ୍ପର ମନ୍ଥରତାକୁ ନେଇ ଲୋକଙ୍କ ମଧ୍ୟରେ ଜନ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ଚଳିତ ଗ୍ରୀଷ୍ମରେ ସମଗ୍ର ବ୍ଲକରେ ମୁନ୍ଦାଏ ପାଣି ପାଇଁ ଲୋକଙ୍କୁ ଡହଳ ବିକଳ ହେବାକୁ ପଡ଼ିଛି। ଗ୍ରାମାଞ୍ଚଳରେ ଥିବା ନଦୀ, ନାଳ, ପୋଖରୀ ଶୁଖିଲା ପଡ଼ିବା ପାନୀୟ ଜଳ ସମସ୍ୟାକୁ ଅଧିକ ଉତ୍କଟ କରିଛି। ଅନ୍ୟପକ୍ଷରେ ମେଗା ପାନୀୟ ଜଳ ପ୍ରକଳ୍ପର ନିର୍ମାଣ ଚାଲିଥିବାରୁ ଗ୍ରାମାଞ୍ଚଳ ଏବଂ ପଞ୍ଚାୟତରେ ଥିବା ପାନୀୟ ଜଳ ପ୍ରକଳ୍ପର ମରାମତି ଦିଗରେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ସ୍ୱତନ୍ତ୍ର ଦୃଷ୍ଟି ଦେଉନି। ବ୍ଲକରେ ଅଧିକାଂଶ ଜଳଯୋଗାଣ ପ୍ରକଳ୍ପ ସହ ନଳକୂପ ଅଚଳ ହୋଇ ପଡ଼ିଛି। ବାରମ୍ବାର ଅଭିଯୋଗ ପରେ ବିଭାଗୀୟ ଯନ୍ତ୍ରୀ ଏ ଦିଗରେ ଦୃଷ୍ଟି ଦେଉନଥିବା ଅଭିଯୋଗ ହେଉଛି। ଶୋଷରେ ଆଉଟୁପାଉଟୁ ଲୋକେ ବାଧ୍ୟ ହୋଇ ଚୁଆ ଓ ଝରଣା ପାଣି ଉପରେ ଭରସା କରିବାକୁ ବାଧ୍ୟ ହେଉଛି। ଦୂଷିତ ପାଣି ପିଇ ଅନେକ ଲୋକ ବିଭିନ୍ନ ରୋଗର ଶିକାର ହେବାର ନଜିର ମଧ୍ୟ ରହିଛି।

ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଜେନେରାଲ ଅନୀଲ ଚୌହାନଙ୍କ ଆଇଏନଏସ ଚିଲିକା ପରିଦର୍ଶନ

ଭୁବନେଶ୍ୱର, ୨/୬ (ନି.ପ୍ର): ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ) ଅନୀଲ ଚୌହାନ ୦୧ ଜୁନ୍, ୨୦୨୪ ତାରିଖ ଦିନ ଆଇ.ଏନ.ଏସ. ଚିଲିକା ଗସ୍ତରେ ଆସି ଭାରତୀୟ ନୌସେନାର ଅଗ୍ନିବୀରମାନଙ୍କ ଅଗ୍ରଣୀ ତାଲିମ ଅନୁଷ୍ଠାନ ପରିଦର୍ଶନ କରିଛନ୍ତି । ଭାରତୀୟ ନୌସେନାର ନୌ-ବୀର ମାନଙ୍କ ଭବିଷ୍ୟତ ଗଠନ କରିବାରେ ଆଇଏନଏସ ଚିଲିକା ନିର୍ବାହ କରିଥିବା ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ସିଡିଏସଙ୍କୁ ଅବଗତ କରାଯାଇଥିଲା । ଚିଲିକାରେ ଅଗ୍ନିବୀରମାନଙ୍କୁ ଏପର୍ଯ୍ୟନ୍ତ ବିଭିନ୍ନ ବ୍ୟାଚରେ ଦିଆଯାଇଥିବା ତାଲିମ କାର୍ଯ୍ୟକ୍ରମ ସମ୍ପର୍କରେ ସାମଗ୍ରିକ ବିଶ୍ଳେଷଣାତ୍ମକ ସୂଚନା ପ୍ରଦାନ କରାଯାଇଥିଲା ।

ଏହି ଗସ୍ତ ଅବସରରେ ସିଡିଏସ ଅଗ୍ନିବୀରମାନଙ୍କ ସହିତ ଭାବ ବିନିମୟ କରିଥିଲେ । ସେମାନଙ୍କୁ ଉଦବୋଧନ ଦେବା ଅବସରରେ ସେ 'ଅଗ୍ନିବୀର ଯୋଜନା' ପ୍ରବର୍ତ୍ତନ କରିବା ପଛରେ ସେନାର ଯୁବ ମାନସିକତାକୁ ବଜାୟ ରଖିବା କାରଣ ରହିଛି ବୋଲି ଉଲ୍ଲେଖ କରିବା ସହିତ ରାଷ୍ଟ୍ର ନିର୍ମାଣ ନିମନ୍ତେ କୁଶଳୀ, ଶୃଙ୍ଖଳିତ ଏବଂ ଉତ୍ସର୍ଗୀକୃତ ଯୁବଶକ୍ତିଙ୍କର ଆବଶ୍ୟକତା ରହିଛି ବୋଲି ସୂଚାଇଥିଲେ । ସିଡିଏସ ଦୃଢ଼ୋକ୍ତି ବ୍ୟକ୍ତ କରି କହିଥିଲେ ଯେ ଅଗ୍ନିବୀରମାନେ ତାଲିମ ଉପରେ ଅଧିକ ମନୋନିବେଶ କରିବା ଉଚିତ ଯଦ୍ୱାରା ସେମାନେ ପ୍ରଯୁକ୍ତି ଦୃଷ୍ଟିରୁ କୁଶଳୀ ନୌଯୋଦ୍ଧାରେ ପରିଣତ ହୋଇପାରିବେ । ଏହି ଭାବ ବିନିମୟ କାର୍ଯ୍ୟକ୍ରମ ଅବସରରେ ସେ ଅଗ୍ନିବୀରମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ନୌସେନାର ଅଗ୍ନିବୀର ତାଲିମ ଭିତ୍ତିଭୂମି ସମ୍ପର୍କରେ ଅବଗତ ହେବା ନିମନ୍ତେ, ସିଡିଏସ ତାଲିମ ସଂସାଧନ ସ୍ଥଳୀ ପରିଦର୍ଶନ କରିଥିଲେ । ପରବର୍ତ୍ତୀ ପିଢ଼ିର ନୌଯୋଦ୍ଧା ଗଠନ ନିମନ୍ତେ ଉଚ୍ଚ ଗୁଣାତ୍ମକ ମାନଯୁକ୍ତ ତାଲିମ ପ୍ରଦାନ କରୁଥିବାରୁ ସିଡିଏସ ପ୍ରଶିକ୍ଷଣ ଅନୁଷ୍ଠାନର ତାଲିମଦାତାମାନଙ୍କୁ ଅଭିନନ୍ଦନ ଜ୍ଞାପନ କରିଥିଲେ ।

ପୁନର୍ବାସରେ ସ୍ୱତନ୍ତ୍ର ମହିଳା ଓ ଶିଶୁ ଥେରାପି କକ୍ଷର ଲୋକାର୍ପଣ

କେନ୍ଦ୍ରାପଡ଼ା, ୨/୬ (ନି.ପ୍ର): ଥେରାପି ସେବା ଓ ଭିନ୍ନକ୍ଷମଙ୍କ ସହାୟତା କ୍ଷେତ୍ରରେ ଦୀର୍ଘ ଏକ ଦଶନ୍ଧିରୁ ଉର୍ଦ୍ଧ୍ୱକାଳ କେନ୍ଦ୍ରାପଡ଼ା ଜିଲ୍ଲାର ସକ୍ରିୟ ଅନୁଷ୍ଠାନ ପୁନର୍ବାସ ପକ୍ଷରୁ ଏକ ସ୍ୱତନ୍ତ୍ର ମହିଳା ଓ ଶିଶୁ ଥେରାପି କକ୍ଷ ମାଧପୁରସ୍ଥିତ ଥେରାପି କେନ୍ଦ୍ର ଠାରେ ଲୋକାର୍ପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲାର ସୁନାମଧନ୍ୟ ଚିକିତ୍ସକ ଡା. ବିଶ୍ୱପ୍ରକାଶ କାନୁନଗୋ ଓ ଡା. ସ୍ନେହଲତା କାନୁନଗୋ ଯୋଗଦେଇ ଏହି କକ୍ଷର ଶୁଭ ଲୋକାର୍ପଣ କରିଥିଲେ। ମୁଖ୍ୟ ଉପଦେଷ୍ଟା ଡକ୍ଟର ବିରଜା ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଯୋଜନା ଓ ପରିସଂଖ୍ୟାନ ଅଧିକାରିଣୀ ପୁଷ୍ପାଞ୍ଜଳି ପଣ୍ଡା, ଜିଲ୍ଲା ଶିଶୁ ସୁରକ୍ଷା କମିଟିର ଅଧ୍ୟକ୍ଷା ସ୍ୱାଗତିକା ପାତ୍ର, ୧୦ନମ୍ବର ୱାର୍ଡ଼ କାଉନସିଲର ରଶ୍ମିତା ସିଂ, କବିୟତ୍ରୀ ନବଜ୍ୟୋତି ରାୟ ଉପସ୍ଥିତ ରହି ଏହି ସ୍ୱତନ୍ତ୍ର କକ୍ଷ ମହିଳାମାନଙ୍କୁ ସଂକୋଚମୁକ୍ତ ଓ ନିରାପଦ ଥେରାପି ସେବା ପ୍ରଦାନରେ ବିଶେଷ ସହାୟକ ହେବ ବୋଲି ମତ ପ୍ରକାଶ କରିଥିଲେ। ଏହି କକ୍ଷଟିରେ ଅତ୍ୟାଧୁନିକ ଥେରାପି ସେବାର ସମସ୍ତ ସୁବିଧା ଉପଲବ୍ଧ ସହିତ ଜଣେ ମହିଳା ସହାୟିକା ନିୟୋଜିତ ରହିଛନ୍ତି ବୋଲି ଉପ ସଭାପତି ଜ୍ୟୋତିରଞ୍ଜନ ନାୟକ ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ସହ ସମ୍ପାଦକ ବଂଶୀଧର ମହାନ୍ତି, କାଉନସିଲର ସଞ୍ଜୀବ ଜେନା, ମହମ୍ମଦ ଜାହିଦ ଖାଁ, ଶେଷଦେବ ଦାସ ଓ ପୁନର୍ବାସର ସମସ୍ତ ଥେରାପିଷ୍ଟ ଏବଂ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

୨୦୨୩-୨୪ ଆର୍ଥିକ ବର୍ଷରେ ସେଲ ଆରଏସପିର କର୍ମଚାରୀଙ୍କ ସୃଜନୀ ଯୋଜନା ମାଧ୍ୟମରେ ୧୭ ହଜାରରୁ ଅଧିକ ସୃଜନଶୀଳ ପ୍ରସ୍ତାବ ପ୍ରଦାନ

ରାଉରକେଲା, ୨/୬ (ନି.ପ୍ର): ୨୦୨୩-୨୪ ଆର୍ଥିକ ବର୍ଷରେ ସେଲ ରାଉରକେଲା ଇସ୍ପାତ କାରଖାନାର କର୍ମଚାରୀମାନେ ସୃଜନୀ ଯୋଜନା ଅଧୀନରେ ୧୭୦୦୦ରୁ ଅଧିକ ସୃଜନାତ୍ମକ ପ୍ରସ୍ତାବ ପ୍ରଦାନ କରିଥିଲେ, ଯାହା ଦ୍ୱାରା ବିଭିନ୍ନ ଦିଗରେ କାରଖାନାର କାର୍ଯ୍ୟଦକ୍ଷତାକୁ ଅଧିକ ଉନ୍ନତ କରାଯାଇପାରିଥିଲା। ପ୍ରଦତ୍ତ ପ୍ରସ୍ତାବଗୁଡିକ ମଧ୍ୟରୁ ୧୧୭୨୭ ଟି ପ୍ରସ୍ତାବ ନିମନ୍ତେ ପୁରସ୍କାର ପ୍ରଦାନ କରାଯାଇଛି ଏବଂ ୮୯୫୦ ଟି ପ୍ରସ୍ତାବ କାର୍ଯ୍ୟକାରୀ କରାଯାଇଛି। କାର୍ଯ୍ୟକାରୀ ହୋଇଥିବା ପ୍ରସ୍ତାବ ଗୁଡିକ ନିମନ୍ତେ କର୍ମଚାରୀଙ୍କୁ ୨୩,୭୪,୩୦୦ ଟଙ୍କା ପୁରସ୍କାର ରାଶି ଓ ସାର୍ଟିଫିକେଟ୍ ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ ଆରଏସପି ଆରଏସପି କାର୍ଯ୍ୟକାରୀ ହୋଇଥିବା ପ୍ରସ୍ତାବ ଗୁଡିକ ଦ୍ୱାରା ଏକକାଳୀନ ୪୬.୬୪ କୋଟି ଟଙ୍କା ସଞ୍ଚୟ ହାସଲ କରିଛି ଏବଂ ପୁନଃପୌନିକ ରୂପେ ପ୍ରାୟ ୪୩.୮୭ କୋଟି ଟଙ୍କାର ସଞ୍ଚୟ ହାସଲ ସମେତ ବିପୁଳ ପରୋକ୍ଷ ଲାଭ ମଧ୍ୟ ହାସଲ କରିଛି। ଏହି ସୃଜନଶୀଳ ଯୋଜନା, ସୁରକ୍ଷା, ପରିବେଶ, ହାଉସକିପିଙ୍ଗ, ଗୁଣବତ୍ତା, ପ୍ୟାକେଜିଂ, ସେବା, ଅପରେଟିଂ ଏବଂ ରକ୍ଷଣାବେକ୍ଷଣ ଅଭ୍ୟାସ, ଉତ୍ତମ ଉପଯୋଗ ଏବଂ ଉତ୍ପାଦନ, ସିଷ୍ଟମ୍ ଏବଂ ପଦ୍ଧତି ପରି କାରଖାନାର ପ୍ରତ୍ୟେକ କ୍ଷେତ୍ରରେ ସୃଜନଶୀଳ ଚିନ୍ତାଧାରା ମାଧ୍ୟମରେ କର୍ମଚାରୀଙ୍କ ବ୍ୟାପକ ଅଂଶଗ୍ରହଣ ଏବଂ ଅବଦାନକୁ ଉତ୍ସାହିତ କରୁଛି। ଏହା ଶକ୍ତି, ବିଦ୍ୟୁତ, କଞ୍ଚାମାଲ, ତେଲ ଏବଂ ଲୁବ୍ରିକାଣ୍ଟ ଇତ୍ୟାଦି ସଂରକ୍ଷଣ ଏବଂ ମୂଲ୍ୟ ହ୍ରାସ ଏବଂ ପୁନଃବ୍ୟବହାର / ବର୍ଜ୍ୟବସ୍ତୁର ଉପଯୋଗ କିମ୍ବା ନିଜ ନିଜ କାର୍ଯ୍ୟ କ୍ଷେତ୍ର ସହିତ ଉନ୍ନତି ପାଇଁ ଯେକୌଣସି ନୂତନ ଧାରଣାକୁ ମଧ୍ୟ ବିଚାରକୁ ନେଉଛି।

ପ୍ରଫେସର ପ୍ରାଣକୃଷ୍ଣ ପରିଜାଙ୍କୁ ପୁଣ୍ୟତିଥିରେ ସଂସ୍କୃତି ବିଭାଗର ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୨/୬ (ନି.ପ୍ର): ବିଶ୍ୱର ଲବ୍ଧପ୍ରତିଷ୍ଠ ବୈଜ୍ଞାନିକ, ବିଶିଷ୍ଟ ଶିକ୍ଷାବିତ୍, ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ତଥା ପୂର୍ବତନ ବିଧାୟକ ପ୍ରଫେସର (ଡ.) ପ୍ରାଣକୃଷ୍ଣ ପରିଜାଙ୍କ ୪୬ତମ ପୁଣ୍ୟତିଥି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରସ୍ଥ ପରିଜା ପାଠାଗାର ସମ୍ମୁଖସ୍ଥ ପ୍ରତିମୂର୍ତ୍ତିସ୍ଥଳୀରେ ପୂଜ୍ୟପୂଜା ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଗବେଷିକା ସୁଦୀକ୍ଷା ଲେଙ୍କା, ସମାଜସେବୀ ପଣ୍ଡିତ ଗିରିଜା ଶଙ୍କର ମହାପାତ୍ର, ବିଜେଡ଼ି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ଅଶ୍ୱିନୀ ପଟ୍ଟନାୟକ, ସୁଶୀଲ ଜେନା, ଅଭିଜିତ୍ ଜେନା, ଅମିତ୍ ପାତାଳସିଂହ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ନିଜ ବକ୍ତବ୍ୟରେ ପ୍ରଫେସର ପରିଜାଙ୍କ ଗୁଣଗାନ କରିଥିଲେ । ଅବିଭକ୍ତ କଟକ ଜିଲ୍ଲା ଅଧୁନା ଜଗତ୍‌ସିଂହପୁର ଜିଲ୍ଲାର ବାଲିକୁଦା ଅଂଚଳରେ ଜନ୍ମହୋଇ କଟକ ରେଭେନ୍ସା କଲେଜିଏଟ୍ ସ୍କୁଲ୍, ରେଭେନ୍ସା ମହାବିଦ୍ୟାଳୟ ଓ ବିଦେଶରେ ଉଚ୍ଚଶିକ୍ଷା ପ୍ରାପ୍ତ ହୋଇ ସେ ଅଧ୍ୟାପନା ଓ ଗବେଷଣାକୁ ନିଜ ଜୀବନର ବ୍ରତ ଭାବେ ଗ୍ରହଣ କରି ଶିକ୍ଷାଦାନରେ ନିଜକୁ ନିୟୋଜିତ କରିଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଭାବରେ ଦାୟିତ୍ୱ ନିର୍ବାହ କରିଥିଲେ । ୧୯୫୨ ମସିହାରେ ସ୍ୱାଧୀନ ପ୍ରାର୍ଥୀ ଭାବରେ ବାଲିକୁଦା ନିର୍ବାଚନ ମଣ୍ଡଳୀରୁ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ଉଦ୍ଭିଦ ବିଜ୍ଞାନରେ ତାଙ୍କର ଗବେଷଣାତ୍ମକ ତଥ୍ୟ ବିଜ୍ଞାନ କ୍ଷେତ୍ରରେ ନୂତନ ଦିଗ୍‌ଦର୍ଶନ ପ୍ରଦାନ କରିଆସିଛି । ଏହି ବରପୁତ୍ରଙ୍କୁ ଜନ୍ମ ଦେଇ ଉତ୍କଳ ଜନନୀ ନିଜ ମାତୃତ୍ୱକୁ ସାର୍ଥକ କରିଛି ବୋଲି ବକ୍ତାମାନେ ମତଦେଇ ଭକ୍ତି ନୈବେଦ୍ୟ ଅର୍ପଣ କରିଥିଲେ । ରାଜ୍ୟ ପ୍ରତ୍ନତତ୍ତ୍ୱ ସଂସ୍ଥାର ଅଧ୍ୟକ୍ଷକ ଅଶ୍ୱିନୀ ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ ।

ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ପାର୍ଶ୍ୱାଞ୍ଚଳର ୪୬୩ ଜଣ ଛାତ୍ରଛାତ୍ରୀଙ୍କୁ ୯.୩୨ ଲକ୍ଷ ଟଙ୍କାର ଛାତ୍ରବୃତ୍ତି ପ୍ରଦାନ

ରାଉରକେଲା, ୨/୬ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଏହାର କର୍ପୋରେଟ୍ ସାମାଜିକ ଦାୟିତ୍ୱ (ସିଏସ୍‌ଆର) ପଦକ୍ଷେପ ଅନ୍ତର୍ଗତ ନୂଆଗାଁ, ବିଶ୍ରା, କୁଆରମୁଣ୍ଡା ଓ ଲାଠିକଟା ବ୍ଲକ ତଥା ପୁନର୍ବସତି କଲୋନୀ ଓ ଆଦର୍ଶ ଇସ୍ପାତ ଗ୍ରାମ ଆଦି ପାର୍ଶ୍ୱାଞ୍ଚଳ ଗ୍ରାମଗୁଡିକର ୟୁପି ସ୍କୁଲ୍ ଏବଂ ହାଇସ୍କୁଲରୁ ସପ୍ତମ ଓ ଦଶମ ଶ୍ରେଣୀ ଉତ୍ତୀର୍ଣ୍ଣ ୪୬୩ ଜଣ ଛାତ୍ରଛାତ୍ରୀଙ୍କୁ ମେଧାବୀ ଛାତ୍ରବୃତ୍ତି ପ୍ରଦାନ କରିଛି। ମଇ ୩୦ ତାରିଖରେ ସିଏସ୍‌ଆର୍ ବିଭାଗର ପାର୍ଶ୍ୱାଞ୍ଚଳ ବିକାଶ ପ୍ରତିଷ୍ଠାନରେ ଆୟୋଜିତ ଏକ କାର ?ୟକ୍ରମରେ ସହର ପ୍ରଶାସନ ଓ ସିଏସଆର ବିଭାଗର ସିଜିଏମ, ଶ୍ରୀ ପି କେ ସ୍ୱାଇଁ କିଛି ଛାତ୍ରଛାତ୍ରୀଙ୍କୁ ପ୍ରତୀକ ଚେକ୍ ପ୍ରଦାନ କରିଥିଲେ। ଏହି ଟଙ୍କା ସମସ୍ତ ଛାତ୍ରଛାତ୍ରୀଙ୍କ ଆକାଉଣ୍ଟରେ ପ୍ରଦାନ କରାଯାଉଛି। ଏହି ଅବସରରେ ସିଏସ୍‌ଆର୍ ବିଭାଗର ଜିଏମ୍ ଇନ୍-ଚାର୍ଜ ସୁଶ୍ରୀ ମୁନମୁନ୍ ମିତ୍ର, ଏଜିଏମ ଶ୍ରୀ ଟି ବି ଟପ୍ପୋ ଏବଂ ଆରଏସପିର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ୨୦୨୨-୨୩ ଶିକ୍ଷାବର୍ଷ ପାଇଁ ପରୀକ୍ଷାରେ ସେମାନଙ୍କର ଫଳାଫଳ ଆଧାରରେ ୪୨ଟି ହାଇ ସ୍କୁଲ ଓ ୧୧୧ଟି ୟୁପି ସ୍କୁଲର ୪୬୩ ଜଣ ଛାତ୍ରଛାତ୍ରୀମାନଙ୍କୁ ଚୟନ କରାଯାଇଛି। ପ୍ରତ୍ୟେକ ବିଦ୍ୟାଳୟର ବାଳକ ଏବଂ ବାଳିକାମାନଙ୍କ ମଧ୍ୟରେ ପ୍ରଥମ ସ୍ଥାନ ଲାଭ କରିଥିବା ଛାତ୍ରଛାତ୍ରୀ ୩୦୦୦ ଟଙ୍କା ଦିଆ ଯାଇଥିବା ବେଳେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ପାଇଁ ଯଥାକ୍ରମେ ୨୦୦୦ ଏବଂ ୧୦୦୦ ଟଙ୍କା ପ୍ରତ୍ୟେକଙ୍କୁ ପ୍ରଦାନ କରାଯାଇଥିଲା। ଛାତ୍ରଛାତ୍ରୀମାନଙ୍କୁ ସମୁଦାୟ ୯.୩୨ ଲକ୍ଷ ଟଙ୍କାର ଛାତ୍ରବୃତ୍ତି ପ୍ରଦାନ କରାଯାଇଛି। ଶ୍ରୀ ସ୍ୱାଇଁ ତାଙ୍କ ସମ୍ବୋଧନରେ ପାର୍ଶ୍ୱାଞ୍ଚଳ ଜନସଦାହରଣଙ୍କର ସାମଗ୍ରିକ ବିକାଶ ପାଇଁ ଆରଏସପିର ବହୁମୁଖୀ ସିଏସଆର ପଦକ୍ଷେପର ପ୍ରଶଂସା କରିଥିଲେ। ଛାତ୍ରଛାତ୍ରୀମାନଙ୍କୁ ଛାତ୍ରବୃତ୍ତିର ସର୍ବୋତ୍ତମ ଉପଯୋଗ କରିବାକୁ ଏବଂ ଏକକ ମନୋଭାବ ସହିତ ସେମାନଙ୍କର ପାଠ୍ୟକ୍ରମ ଲକ୍ଷ୍ୟର ଅନୁସରଣ କରିବାକୁ ସେ ଅନୁପ୍ରେରିତ କରିଥିଲେ। ପ୍ରାରମ୍ଭରେ ସୁଶ୍ରୀ ମିତ୍ରା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଶ୍ରୀ ଟପ୍ପୋ ଧନ୍ୟବାଦ ଅର୍ପଣ କରିଥିଲେ। ବିଭାଗର ଡେପୁଟି ମ୍ୟାନେଜର ସୁଶ୍ରୀ ରୀଚା ଶୁଦ୍ଧିରମ ଏହି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

'ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଳାଷ ପଣ୍ଡାଙ୍କୁ ମରଣାନ୍ତକ ଆକ୍ରମଣ ପ୍ରସଙ୍ଗ'

୨୪ ଘଂଟାରେ ଦୋଷୀଙ୍କୁ ଗିରଫ ନ କଲେ ଡଜ ଅଫିସ ଘେରିବ ବିଜେପି ଯୁବ ମୋର୍ଚ୍ଚା: ସଂଗ୍ରାମ ପାତ୍ର

ଭୁବନେଶ୍ୱର, ୨/୬ (ନି.ପ୍ର): ଭଦ୍ରକ ଜିଲା ଚାନ୍ଦବାଲି ନିର୍ବାଚନମଣ୍ଡଳୀର ଧାନକୁଟା ପଂଚାୟତ କରଞ୍ଜମାଲ ଗ୍ରାମରେ ଜୁନ୍ ୩୦ ତାରିଖରେ ଭାରତୀୟ ଜନତାପାର୍ଟିର ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଳାଷ ପଣ୍ଡା ଓ ଯୁବମୋର୍ଚ୍ଚାର କେତେଜଣ କର୍ମୀଙ୍କୁ ବିଜେଡିର ଭଡ଼ାଟିଆ ଗୁଣ୍ଡାମାନେ ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କରିଥିଲେ । ଗଣତନ୍ତ୍ରରେ ଏଭଳି ଆଚରଣ ଜମା ଗ୍ରହଣୀୟ ନୁହେଁ । ଏହା ଅତ୍ୟନ୍ତ ନିନ୍ଦନୀୟ ବୋଲି ଯୁବମୋର୍ଚ୍ଚା ରାଜ୍ୟ ଉପସଭାପତି ସଂଗ୍ରାମ ପାତ୍ର କହିଛନ୍ତି ।

ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପାତ୍ର କହିଛନ୍ତି ଯେ, ଅଭିଳାଷ ପଣ୍ଡା ନିର୍ବାଚନୀ ପ୍ରଚାର କାର୍ଯ୍ୟ ସାରି କାର୍ଯ୍

ସମାଲୋଚନାମୂଳକ ଭାବନା

ସବୁବେଳେ ଆମର ମସ୍ତିଷ୍କରେ କିଛି ନା କିଛି ଭାବନା ଥାଏ, ଆଉ ତା' ଅନୁସାରେ ଆମର କର୍ମ ହେଉଥାଏ । ଆମେ ଚାହିଁଲେ ବି ତା'କୁ ବନ୍ଦ କରିପାରିବାନି । ସମାଲୋଚନାମୂଳକ ଭାବନାରେ ଯେଉଁସବୁ ବିଷୟ ଗୁଡ଼ିକ ବାଧା ସୃଷ୍ଟି କରିଥାଏ ତାହା ନିମ୍ନରେ ଦିଆଗଲା ।

ନକାରାତ୍ମକ ମନୋବୃତି: ମନରେ ନକରାତ୍ମକ ଭାବନା ଥିଲେ ଆମେ କୌଣସି ସିଦ୍ଧାନ୍ତ ନେବା ପୂର୍ବରୁ ସମାଲୋଚନାମୂଳକ ଭାବନାର ଠିକ୍ ବ୍ୟବହାର କରିପାରିବା ନାହିଁ ।। ନକାରାତ୍ମକ ମନୋବୃତିର ଲୋକମାନେ ପ୍ରତ୍ୟେକ ଘଟଣାରେ ଲାଭ ପରିବର୍ତେ କ୍ଷତି ଓ ଉପକାର ପରିବର୍ତ୍ତେ ଅପକାର ଦେଖିଥାନ୍ତି । ଏପରି ମନୋବୃତ୍ତି ରହିଲେ ଆମେ ସବୁବେଳେ ଦୁଶ୍ଚିନ୍ତା ଶିକାର ହେବା ଏବଂ ନିରାଶା ହିଁ ଯନ୍ତ୍ରଣା ଦେବ । ସବୁବେଳେ ଆମ ମନରେ ନାହିଁ ର ଭାବନାଟା ମାଡ଼ିଆସିବ । ଚାରିପଟେ ଆଲୁଅ ଥାଇ ବି ଅନ୍ଧାର ଦେଖାଯିବ । ଏଣୁ ସମାଲୋଚନାମୂଳକ ଭାବନାର ପ୍ରଥମପାହାଚ ହେଲା ସକାରାତ୍ମକ ମନୋଭାବ । ଆମେ ସବୁବେଳେ ଆଶାବାଦୀ ହେବାକୁ ପଡ଼ିବ । ମନରେ ସବୁବେଳେ 'ହଁ'ର ପ୍ରାଧାନ୍ୟ ବଜାୟ ରଖିବାକୁ ପଡ଼ିବ । ଯଦି ମନୋବୃତ୍ତ ସକାରାତ୍ମକ ଥିବ ଆମେ ସମ୍ୟକ ଆଲୋଚନା କରି ଠିକ୍ ସିଦ୍ଧାନ୍ତ ନେଇପାରିବା ।

ତରବରିଆ ଭାବ: ଆମେ ଅଧିକାଂଶ ସମୟରେ କୌଣସି ବିଷୟରେ ଗଭୀର ଭାବରେ ନଭାବି, ଆଲୋଚନା ନକରି ତରବରିଆ ଭାବରେ ସିଦ୍ଧାନ୍ତ ନେଇଯାଉ । ସତେ ଯେପରି କାମଟି ଆମ ମୁଣ୍ଡ ଉପରେ ଏକ ବୋଝ ।। ଏହି ତରବରିଆ ଭାବ ସମାଲୋଚନାମୂଳକ ଭାବନାରେ ବାଧା ସୃଷ୍ଟି କରିଥାଏ । ତରବର ହେବା ଯୋଗୁ ଆମେ ଠିକ୍ ତଥ୍ୟ ନଜାଣି ଭୁଲ ବାଟରେ ଯାଇ ସିଦ୍ଧାନ୍ତ ନେଉ । ଯାହା ଫଳରେ କାମଟି ବି ଭୁଲ୍ ହୋଇଯାଏ । ଅଧିକାଂଶ ଲୋକ ନିଜର ଏହି କୁଗୁଣକୁ ଜାଣି ମଧ୍ୟ ସଚେତନ ହୁଅନ୍ତି ନାହିଁ କିମ୍ବା ପ୍ରତିକାର କରନ୍ତି ନାହିଁ ।

ସମାଲୋଚନାମୂଳକ ଭାବନାର ସୁଫଳ ପାଇବାକୁ ହେଲେ ତରବରିଆ ଭାବଟାକୁ ଛାଡ଼ି ଧୈର୍ଯ୍ୟ ବଢ଼ାଇବାକୁ ପଡ଼ିବ । ମନକୁ ଆୟତ କରିବାକୁ ପଡ଼ିବ । ଏଥିଯୋଗୁଁ ଯୋଗ ବା ଧ୍ୟାନ କରିବାର ଅଭ୍ୟାସ କଲେ ବହୁତ ଉତ୍ତମ । ଧୀରସ୍ଥିର ମନରେ ସବୁଆଡ଼କୁ ନଜର ରଖି ଯଦି ଆମେ କୌଣସି ବିଷୟରେ ସମାଲୋଚନାମୂଳକ ଭାବନାରେ ନିଷ୍ପତ୍ତି ନେବା ଫଳପ୍ରଦ ହେବ । ଏହାଦ୍ୱାରା ଅସମ୍ଭବକୁ ମଧ୍ୟ ସମ୍ଭବ କରାଯାଇପାରିବ ।

ଅତିବୁଦ୍ଧିଆ: ବୁଦ୍ଧିଅବା ଜ୍ଞାନ ସବୁଲୋକଙ୍କ ପାଖରେ ଅଛି । ସାଧାରର ଜ୍ଞାନ ବା ବିବେକ ପାଇଁ କୌଣସି ସ୍କୁଲ ଅବା ବିଦ୍ୟାଳୟ ପାଠର ଆବଶ୍ୟକତା ନାହିଁ । କିନ୍ତୁ ଅନେକ ଲୋକ ନିଜକୁ ଅତି ବୁଦ୍ଧିଆ ଭାବି ଠିକ୍ କାମକୁ ବି ଭୁଲ୍ କରିବସନ୍ତି ଅବାଟରେ ଯାଇ ଖାଲରେ ପଡ଼ନ୍ତି । ଆମର ସବଜାନତା (ଆମେ ସବୁ ଜାଣିଛୁ) ମନୋଭାବ ଆମକୁ ଭୁଲ ବାଟରେ ନେଇ ଯାଇଥାଏ । ମନର ଅହଙ୍କାର ଯୋଗୁ ଅତିବୁଦ୍ଧିଆ ପଣଟା ସୃଷ୍ଟି ହୋଇଥାଏ ଏପରି ଲୋକମାନେ ନିଜର ଭୁଲ୍ ନମାନି ଅନ୍ୟର ଦୋଷ ଦିଅନ୍ତି ।

ନିଜକୁ ଅତିବୁଦ୍ଧିଆ ଭାବୁଥିବା ଲୋକମାନେ ନିଜ ଜ୍ଞାନ କୌଶଳର ଅପବ୍ୟବହାର କରି ନିଜ ଜୀବନର କ୍ଷତି କରିଥାନ୍ତି । ନିଜ ଉପରେ ବିଶ୍ୱାସ ଓ ପ୍ରଖର ବୁଦ୍ଧିଥିବା ଦରକାର କିନ୍ତୁ ଅତି ମାତ୍ରାରେ ନୁହଁ । ଏସବୁର ସନ୍ତଳନ ରହିବା ଦରକାର । ସମାଲୋଚନାମୂଳକ ଭାବନାର ସଠିକ୍ ପ୍ରୟୋଗ କରିବାକୁ ହେଲେଏହି ଅତିବୁଦ୍ଧିଅଆ ଗୁଣଟି ଛାଡ଼ିବାକୁହେବ ।

ସ୍ୱାର୍ଥପର ମନୋବୃତ୍ତି: ସ୍ୱାର୍ଥପର ଲୋକମାନେ ସବୁବେଳେ ନିଜ ସ୍ୱାର୍ଥ ହାସଲ କରିବା ପାଇଁ ଅନ୍ୟର କ୍ଷତି କରିବାକୁ ପଛାନ୍ତି ନାହିଁ । ପାପପୁଣ୍ୟ, ନୀତି, ଠିକ ଭୁଲ କିଛି ବିଚାର କରିବାକୁ ସେମାନେ ପ୍ରସ୍ତୁତ ନଥାନ୍ତି । ତାଙ୍କର ଆଖିଯଶ ଥାଏ କେବଳ ସ୍ୱାର୍ଥ ହାସଲରେ । ସବୁବେଳେ ସେମାନଙ୍କର ଗୋଟିଏ ଭାବନା 'ମୁଁ' 'ମୁଁ' ଓ 'ମୁଁ' । ଅନ୍ୟମାନଙ୍କର ସ୍ୱାର୍ଥପ୍ରତି ସେମାନେ ଅନ୍ଧ ପାଲଟି ଯାଆନ୍ତି । ଏହ,ଳହିଁ ସମାଲୋଚନାମୂଳକ ଭାବନାର ଏକ ବଡ଼ ପ୍ରତିବନ୍ଧକ । ସ୍ୱାର୍ଥକୁ ନଛାଡ଼ିଲେ ଆମର ଭାବନା ଶୁଦ୍ଧ ହେବନାହିଁ କିମ୍ବା ସିକାରାତ୍ମକ ହେବନାହିଁ । କିଛି ପାଇବାକୁ ହେଲେ ଆମକୁ ଅନେକ କିଛି ତ୍ୟାଗ କରିବାକୁ ହେବ । ଏଣୁ ସମାଲୋଚନାମୂଳକ ଭାବନାରେସଠିକ୍ ସିଦ୍ଧାନ୍ତ ନେବାକୁ ହେଲେ ଆମକୁ ନିସ୍ୱାର୍ଥପର ମନୋଭାବ ରଖିବାକୁ ହେବ ।

ସମାଲୋଚନାମୂଳକ ଭାବନାର ସଦବ୍ୟବହାର କରିବାକୁ ହେଲେ ଉତ୍ତର ଲିଖିତ ପ୍ରତିରୋଧକ ଗୁଣଗୁଡ଼ିକ ପ୍ରତି ସଚେତନ ହେବା ନିହାତି ଜରୁରି । ସେସବୁ ଗୁଡ଼ିକ ଯେପରି ଆମ ମନକୁ ଆକ୍ରାନ୍ତ ନକରେ ବା ପ୍ରଭାବିତ ନକରୁ ସେଥିପ୍ରତି ଧ୍ୟାନ ଦେବାକୁ ହେବ ।

ଆମେ ବ୍ୟବହାର କରୁଥିବା ଅତରରୁ ହୋଇପାରେ କର୍କଟ ପରି ସଂଘାତିକ ରୋଗ

ଡିଓଡୋରାଣ୍ଟ ବା ଅତର ବ୍ୟବହାର କରିବାର ସଉକ ପ୍ରାୟ ସବୁ ଲୋକଙ୍କ ଭିତରେ ଥାଏ । କେହି କେହି ଭିନ୍ନ ଭିନ୍ନ ଅତର ବାସ୍ନାରେ ନିଜ ବ୍ୟକ୍ତିତ୍ୱର ଏକ ଭିନ୍ନ ପ୍ରତିଛବି ସୃଷ୍ଟି କରିଥାନ୍ତି । କିନ୍ତୁ ଆପଣ ଜାଣନ୍ତି ନାହିଁ ଯେ ଏହାକୁ ପ୍ରୟୋଗ କରି ଆପଣ କର୍କଟ ସମେତ ଅନେକ ରୋଗକୁ ନିମନ୍ତ୍ରଣ କରିଥାନ୍ତି । ଏହିପରି ପ୍ରସାଧନ ସାମଗ୍ରୀରେ ଅନେକ ରାସାୟନିକ ପଦାର୍ଥ ଅଛି, ସେଥିମଧ୍ୟରୁ ଗୋଟିଏ ହେଉଛି ପାରାବେନ୍ । ଏନ୍‌ସିବିଆଇର ଏକ ଗଷେବଣା ଅନୁଯାୟୀ, ଉଭୟ ପୁରୁଷ ଏବଂ ମହିଳାଙ୍କ ପାଇଁ ପାରାବେନ୍ ବିପଜ୍ଜନକ ଏବଂ ଏହା ବିପଜ୍ଜନକ ପାର୍ଶ୍ୱ ପ୍ରତିକ୍ରିୟା ସୃଷ୍ଟି କରିପାରେ । ରିପୋର୍ଟରୁ ପ୍ରକାଶ ଯେ ପାରାବେନ୍ ଏକ ଏପରି ଦୂଷିତ ପଦାର୍ଥ, ଯାହା ଷ୍ଟେରଏଡ୍ ହରମୋନ୍ ନଷ୍ଟ କରିପାରେ । ଏହି ହରମୋନର ପରିବର୍ତ୍ତନ ପୁରୁଷଙ୍କ ପ୍ରଜନନ ବ୍ୟବସ୍ଥା ଏବଂ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ବିପଜ୍ଜନକ ଅଟେ । କର୍କଟ ଏକ ବିପଜ୍ଜନକ ରୋଗ, ଯାହା ମୃତ୍ୟୁର କାରଣ ହୋଇପାରେ । ଅନୁସନ୍ଧାନରେ, ଅତରରେ ଥିବା ରାସାୟନିକ ପଦାର୍ଥ ସ୍ତନ କର୍କଟ ଏବଂ ଥାଇରଏଡ କ୍ୟାନସରର ମୁଖ୍ୟ କାରଣ ବୋଲି ଜଣାପଡିଛି । ଏହି ଉତ୍ପାଦଗୁଡିକ ପ୍ରୟୋଗ ପରେ ଏହା ଅତି ଶୀଘ୍ର ଚର୍ମରେ ପ୍ରବେଶ କରେ । ଯେଉଁ କାରଣରୁ ରାସାୟନିକ ପଦାର୍ଥ ଚର୍ମର ପ୍ରତିରକ୍ଷା ସ୍ତରକୁ କ୍ଷତି ପହଞ୍ଚାଏ ଏବଂ ଚର୍ମ ଆଲର୍ଜି ହୋଇଥାଏ । ବେଳେବେଳେ ଫୁସଫୁସରେ ବିପଜ୍ଜନକ ରାସାୟନିକ ପଦାର୍ଥ ପ୍ରବେଶ କରିବାରୁ ଏହା ଶ୍ୱାସକ୍ରିୟାରେ ବାଧା ଉପୁଯାଏ । ଯଦି ଆପଣ ମୁଣ୍ଡବିନ୍ଧା, ମୁଣ୍ଡ ବୁଲାଇବା, ଭର୍ଟିଗୋ ଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ତେବେ ଏହା ଅତର କାରଣରୁ ହୋଇପାରେ ।

ଶରୀର ପାଇଁ କେତେ ଉପକାରୀ ଆତ ? ଜାଣନ୍ତୁ ଏହାର ଗୁଣ ବିଷୟରେ...

ଫଳ ଏବଂ ପନିପରିବା ଖାଇବା ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ । ଫଳରେ ଅନେକ ପ୍ରକାରର ପୋଷକ ତ୍ୱ ଏବଂ ଭିଟାମିନ୍ ମିଳିଥାଏ । ଏଥିପାଇଁ ହିଁ ଦୈନନ୍ଦିନ ଜୀବନରେ ଫଳ ଅନ୍ତର୍ଭୁକ୍ତ କରିବାକୁ ପରାମର୍ଶ ଦେଇଥାନ୍ତି ବିଶେଷଜ୍ଞ । ଫଳ ମଧ୍ୟରୁ ଗୋଟିଏ ହେଉଛି କଷ୍ଟାର୍ଡ ଆପଲ୍ । ଯାହାକୁ ଆମେ ସାଧାରଣତଃ ଆତ କହିଥାଉ । ଏହି ଫଳ ଅନେକ ନାଁ ଜଣାଶୁଣା । ଆତ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ । ଏଥିରେ ଭିଟାମିନ୍ ସି, ମ୍ୟାଗ୍ନେସିୟମ୍, ଭିଟାମିନ୍ ବି୬ ଏବଂ ଆଇରନ୍ ଇତ୍ୟାଦି ଭରପୂର ରହିଛି । ଏହି ଫଳ ଉଭୟ ହୃଦୟ ଏବଂ ମଧୁମେହ ପାଇଁ ଅତ୍ୟନ୍ତ ଲାଭଦାୟକ ବୋଲି ବିବେଚନା କରାଯାଏ । ତେବେ ଆସନ୍ତୁ ଜାଣିବା ଆତର ଉପକାରିତା ବିଷୟରେ...

ବିଶେଷଜ୍ଞଙ୍କ ଅନୁଯାୟୀ ଆତରେ ଥିବା ଭିଟାମିନ୍ ସି ଏକ ଆଣ୍ଟିଅକ୍ସିଡାଣ୍ଟ ଅଟେ । ଆତ ହୃଦୟ ଏବଂ ମଧୁମେହ ପାଇଁ ଅତ୍ୟନ୍ତ ଲାଭଦାୟକ ଅଟେ । ଶରୀରକୁ ଭିଟାମିନ୍ ସି ଯୋଗାଇବା ପାଇଁ ଆପଣ ଆତ ଖାଇପାରିବେ ।

ଆଖି ପାଇଁ ବହୁତ ଲାଭଦାୟକ ଅଟେ ଆତ । ଏଥିରେ ଥିବା ଲୁଟେନ୍ ଏକ ଶକ୍ତିଶାଳୀ ଆଣ୍ଟିଅକ୍ସିଡାଣ୍ଟ ଅଟେ । ଯାହା ଆତରେ ମିଳିଥାଏ । ଏହା ମୁକ୍ତ ରେଡିକାଲରୁ ରକ୍ଷା କରିଥାଏ ଏବଂ ଅନେକ ଚକ୍ଷୁ ସମସ୍ୟା ଦୂର କରି ଆଖିକୁ ମଧ୍ୟ ସୁରକ୍ଷା ଦେଇଥାଏ ।

ରକ୍ତଚାପ ନିୟନ୍ତ୍ରଣରେ ବେଶ୍ ଲାଭଦାୟକ ହେଉଛି ଆତଙ୍କ । ଆତରେ ପୋଟାସିୟମ୍ ଏବଂ ମ୍ୟାଗ୍ନେସିୟମ୍ ଥାଏ, ଯାହା ରକ୍ତବାହୀକୁ ବିସ୍ତାର କରିବାରେ ସାହାଯ୍ୟ କରିଥାଏ । ଆତ ଖାଇଲେ ରକ୍ତଚାପ କମ୍ ରହିଥାଏ । ଏହା ସହିତ ହୃଦରୋଗକୁ ରୋକିବା ମଧ୍ୟ ସହାୟକ ହୋଇଥାଏ ।

ହିୟର ଆକ୍ଟିଭ୍ ଲିସନିଙ୍ଗ ଇୟରବଡ୍‌ସ

ଯଦି ଅସହ୍ୟ କୋଳାହଳ ଭିତରେ କେଉଁଠି ଫସିଯାଇଛନ୍ତି ଏବଂ ଏଥିରୁ ନିସ୍ତାର ପାଇବାକୁ ଚାହୁଁଛନ୍ତି, ତେବେ ଆପଣଙ୍କ ହାତରେ ଦୁଇଟିଅପ୍ସନ୍। ଇୟର ପ୍ଲଗ୍ କରିବାକୁ ପଡ଼ିବ ନଚେତ୍ ସେ ସ୍ଥାନ ଛାଡ଼ିବାକୁପଡ଼ିବ। ତେବେ ଆପଣ ଯଦି ଏହି ଶବ୍ଦକୁ ପୃଥକ୍ କରିପାରିବେ କିମ୍ବା ମ୍ୟୁଟ କରିପାରିବେ ଓ ଏହାର ଭଲ୍ୟୁମକୁ କମାଇପାରିବେ ଯେମିତି ଆପଣ ଟିର ଭଲ୍ୟୁମ କମାଉଛନ୍ତି ତେବେ ଆପଣ ଟିକେ ରିଲାକ୍ସ ହୋଇପାରିବେ।ଏଭଳିସୁବିଧା ରହିଛି ହିୟର ଆକ୍ଟିଭ ଲିସିନ୍‌ଗ ସିଷ୍ଟମରେ। ନ୍ୟୁୟର୍କର ଡବଲର ଲ୍ୟାବ୍‌ସର ଇୟରବଡସ ଏହି ସମସ୍ୟାର ସମାଧାନ କରିଦେବ। ଏହାଦ୍ୱାରା ଆପଣ ଗହଳି ଭିତରେ ବି ନିଜକୁ ରିଲାକ୍ସ ମନେକରିପାରିବେ। ସବୁକଥା ଶୁଣିପାରିବେ ତାବି ବିନା ଟେନସନରେ।

ଭାରତୀୟ ସିଲ୍‌କ ଶାଢୀ ବିଶ୍ୱରେ ଖୁବ୍ ଲୋକପ୍ରିୟ: ଜାଣନ୍ତୁ ଏହାର ଫାଇଦା

ସିଲ୍‌କ ଏକ ପ୍ରାକୃତିକ ଓ ଦାମିକିଆ ଫାବ୍ରିକ୍ । ତେଣୁ ଏହାକୁ 'କ୍ୱିନ୍ ଅଫ୍ ଫାବ୍ରିକ୍ସ' ବା 'ଫାବ୍ରିକ୍ ରାଣୀ' ମଧ୍ୟ କୁହାଯାଏ । ମହିଳାମାନେ ଏହାକୁ ପସନ୍ଦ ନ କରିବେ ଏହା କଣ ସମ୍ଭବ ଙ୍କ ଭାରତୀୟ ସିଲ୍‌କର ଗୌରବମୟ ଇତିହାସ: ଭାରତୀୟ ସିଲ୍‌କ କେବଳ ଗୌରବମୟ ଇତିହାସର ପ୍ରମାଣ ଦିଏନା ବରଂ ସାଂସ୍କୃତିକ ବିବିଧତାକୁ ମଧ୍ୟ ଦର୍ଶାଇଥାଏ । ଭାରତୀୟ ସିଲ୍‌କର ବୁଣା ଷ୍ଟାଇଲ୍, ପାର୍ଟନ୍, ରଙ୍ଗ ଓ ଡିଜାଇନ୍‌ର ବିଶେଷତ୍ୱ ସ୍ଥାନ, ଜଳବାୟୁ ଓ ସାଂସ୍କୃତିକ ପ୍ରଭାବ ଉପରେ ନିର୍ଭର କରିଥାଏ । ଭାରତୀୟ ସିଲ୍‌କ ସାରା ବିଶ୍ୱରେ ଖୁବ୍ ଲୋକପ୍ରିୟ ।

ସିଲ୍‌କ ପୋଷାକର ଫାଇଦା:

-ଏହା ସୌମ୍ୟ ଏବଂ କୋମଳ ଫାବ୍ରିକ୍ ହୋଇଥିବା ବେଳେ ଦୀର୍ଘ ଦିନ ଯାଏ ବ୍ୟବହାରଯୋଗ୍ୟ ରହିଥାଏ ।

-ଏଥିରେ ଉଷ୍ମଶୋଷକ ଗୁଣ ରହିଥାଏ, ଯାହା ଗରମରେ ମଧ୍ୟ ଆପଣଙ୍କ ଶରୀରକୁ ଥଣ୍ଡା ରଖିଥାଏ ।

-ସିଲ୍‌କକୁ ଆପଣ ଯେକୌଣସି ପରିବେଶରେ ପିନ୍ଧିପାରିବେ ।

-କମ୍ ଘନତ୍ୱ କାରଣରୁ ସିଲ୍‌କ ପିନ୍ଧିବାକୁ ହାଲ୍‌କା ଲାଗିବା ସହ ଆରାମଦାୟକ ହୋଇଥାଏ ।

– ସିଲ୍‌କର ଆଣ୍ଟିସେପ୍ଟିକ ଗୁଣ ଯୋଗୁ ଏହା ତ୍ୱଚା ପାଇଁ ସବୁ ଦୃଷ୍ଟିରୁ ସୁରକ୍ଷିତ ।

-କୋମଳ ଓ ନମନୀୟ ସହିତ ବସ୍ତ୍ର ବିନ୍ୟାସ ଖୁବ୍ ସୁନ୍ଦର ହୋଇଥାଏ ।

କେମିତି ସାଇତିବେ ?:

– ସିଲ୍‌କ ଶାଢିକୁ ସଫା ଓ ଶୁଖିଲା ସ୍ଥାନରେ ସୂତା କପଡାରେ ଢାଙ୍କି ରଖିବା ଉଚିତ୍ ।

– ସିଲ୍‌କକୁ ପୋକ, ଧୂଳି, ଅଧିକ ଆର୍ଦ୍ରତା ଓ ଆଲୋକଠାରୁ ଦୂରେଇ ରଖିବା ଉଚିତ୍ ।

– ଏହାକୁ ପ୍ରତ୍ୟେକ ୩ରୁ ୬ ମାସରେ ଥରେ ତାଜା ପବନ ଦେବା ସହ ଓଲଟପାଲଟ କରିବା ଉଚିତ୍ ।

– ସିଲ୍‌କକୁ ସିଲିକା ଜେଲ୍ ପୁଡିଆ ସହିତ ରଖିବା ଉଚିତ୍ । ଫଳରେ ଏହା ଶୁଷ୍କ ରହିଥାଏ ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ଉତ୍ତାପର ଉପଦ୍ରବ...

ଓଡ଼ିଶାର ଇଂରାଜୀ ଭାଷାରେ କବିତା ଲେଖିଥିବା କବି ସ୍ୱର୍ଗତଃ ଜୟନ୍ତ ମହାପାତ୍ରଙ୍କ 'ଇଣ୍ଡିଆନ୍ ସମର' ହେଉ କି ବବ୍ ଡାଇଲାନ୍‌ଙ୍କ ଦ୍ୱାରା ଗାନ କରା ଯାଇଥିବା 'ଦ ଟାଇମସ୍, ଦେ ଆର୍ ଏ ଚେଞ୍ଜଇନ୍' ହେଉ ଅବା ଓଡ଼ିଆ କବିମାନଙ୍କର ଗ୍ରୀଷ୍ମ ଋତୁର କାବ୍ୟକ ବର୍ଣ୍ଣନା- ସବୁକିଛିର ନିଛକ ଚିତ୍ରକୁ ବଦଳାଇ ଦେଉଛି ସାମ୍ପ୍ରତିକ ସମୟର ଭାରତୀୟ ଗ୍ରୀଷ୍ମ ଋତୁର ଅଗ୍ନିବର୍ଷୀ ଖରା ଓ ଅସହ୍ୟ ଗୁଳୁଗୁଳି। ବେଶ୍ କିଛିଦିନ ହେବ ଓଡ଼ିଶା ସମେତ ଭାରତର ଅନେକ ସ୍ଥାନରେ ଯେଉଁଭଳି ଉତ୍ତାପ ବୃଦ୍ଧି ପାଇ ଚାଲିଛି ଓ ତା' ସାଙ୍ଗକୁ ଗୁଳୁଗୁଳି, ତାହା ମର୍ମେ ମର୍ମେ ଅନୁଭବ କରାଇ ଦେବା ପାଇଁ ଯଥେଷ୍ଟ ପରିମାଣରେ ସମର୍ଥ ଜଳବାୟୁ ପରିବର୍ତ୍ତନର ଆମ ଏଇ ପୃଥିବୀ ନାମକ ଗ୍ରହ ଉପରେ ପଡୁଥିବା ପ୍ରଭାବକୁ । ଆଜି ଯେଉଁମାନେ ଉତ୍ତର ପଚାଶ ବୟସରେ ଉପନୀତ, ସେମାନେ ଯଦି ସେମାନଙ୍କ ପିଲାବେଳକୁ ମନେ ପକାନ୍ତି, ତା'ହେଲେ ଅନାୟାସରେ ଜାଣି ପାରିବେ ଯେ ଆଜିକା ସମୟର ଗ୍ରୀଷ୍ମ ଋତୁର ଖରା ଓ ଗୁଳୁଗୁଳିଠାରୁ ସେ ସମୟରେ କାହିଁ କେତେ ଗୁଣ ଅଧିକ ଗରମ ଓ ଗୁଳୁଗୁଳି ହେଉଥୁଲା, ଏମିତିକି ଗ୍ରାମାଞ୍ଚଳରେ ମଧ୍ୟ। ତେବେ ତାକୁ ସହି ହୋଇ ଯାଉଥିଲା କେବଳ ଚାରିଆଡ଼େ ପର୍ଯ୍ୟାପ୍ତ ପରିମାଣରେ ବୃକ୍ଷଲତା ଥିବା ଯୋଗୁଁ । ଏବେ ତ ଚାରିଆଡ଼େ କେବଳ କଂକ୍ରିଟ୍ ହିଁ କଂକ୍ରିଟ୍ ରାଜୁତି । ଅବଶ୍ୟ ଇତି ମଧ୍ୟରେ ବାତ୍ୟା ରେମାଲ ପଶ୍ଚିମବଙ୍ଗରେ ତାଣ୍ଡବ ରଚାଇ ସେଠାରେ ପାଣିପାଗର ଅବସ୍ଥାରେ ସାମାନ୍ୟ ଆଶ୍ୱସ୍ତି ଆଣି ଦେଇଛି । ତେବେ ଉତ୍ତାପର ଲହରୀ ଅତିଷ୍ଠ କରୁଛି ଦେଶର ଅନ୍ୟାନ୍ୟ ଭାଗକୁ। ସଦ୍ୟତମ ସମ୍ବାଦ ମୁତାବକ, ଓଡ଼ିଶାରେ ତ ଗ୍ରୀଷ୍ମର ଉତ୍ତାପ ଯୋଗୁଁ ପ୍ରାୟ ୨୯ ଜଣଙ୍କର ଅସ୍ୱାଭାବିକ ପ୍ରାଣହାନି ଘଟିଲାଣି । ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ରାଜ୍ୟର ଅନ୍ୟତମ ଉତ୍ତପ୍ତ ସହରରେ ପରିଣତ ହୋଇଥିବା ବେଳେ ଦେଶର ରାଜଧାନୀ ଦିଲ୍ଲୀ ଗୁରୁବାର ଦିନ ପରିଲକ୍ଷିତ କରିଛି ୫୨.୯ ଡିଗ୍ରୀ ସେଲ୍‌ସିୟସ୍‌ୟକୁ ଯାହା ଭାରତରେ ରେକର୍ଡ ହୋଇଥିବା ସବୁ ଅଙ୍କକୁ ଟପି ଯାଇଛି। ଲଗାତର ତୃତୀୟ ବର୍ଷ ଭାବରେ ଚଳିତ ବର୍ଷ ଅତ୍ୟଧିକ ପରିମାଣର ଉତ୍ତାପ ଲହରୀ ପ୍ରବାହିତ ହୋଇଥିବା ରେକର୍ଡ କରିଛି ଭାରତୀୟ ପାଣିପାଗ ବିଭାଗ। ଯଦିଓ ମଝିରେ ମଝିରେ ତାପମାତ୍ରା କେତେକ ଅଞ୍ଚଳରେ ୫୦ ଡିଗ୍ରୀ ସେଲ୍ସିୟସ୍ କମ୍ ରହିଛି, ତଥାପି କଦବା କ୍ୱଚିତ୍ ହେଲେ ମଧ୍ୟ ସର୍ବାଧିକ ତାପମାତ୍ରା ଏହି ପରିମାଣର ରେକର୍ଡ ହେବା କିଛି ସାଧାରଣ କଥା ନୁହେଁ । ପୁନଶ୍ଚ, ବାତ୍ୟାଜନିତ ମୃତ୍ୟୁକୁ ସମସ୍ତେ ହିସାବକୁ ନେଉଥିଲେ ସୁଦ୍ଧା ବେଶ୍ କିଛି ସଂଖ୍ୟକ ଲୋକ ଉତ୍ତାପ ଲହରୀ ଯୋଗୁଁ ପ୍ରାଣ ହରାଇଛନ୍ତି, ଯେଉଁମାନଙ୍କ କଥା ବାସ୍ତବରେ କୁହାଯାଉ ନାହିଁ, କାରଣ ତାହା କଳନା କରିବା ଦୁରୂହ । ଭାରତୀୟ ପାଣିପାଗ ବିଭାଗର କହିବା ଅନୁସାରେ, ଉତ୍ତାପ ଲହରୀ ଏମିତିକି ଯେ କୌଣସି ବୟସର ସାଧାରଣ ସୁସ୍ଥ ଲୋକଟିଏର ମଧ୍ୟ ପ୍ରାଣ ନେଇପାରେ । କାରଣ ହେଉଛି, ଅଂଶୁଘାତ ଫଳରେ ଉତ୍ତାପଜନିତ ଅସୁସ୍ଥତା ବୃଦ୍ଧି ପାଇବା । ଏମିତି ନୁହେଁ ଯେ ଆଗରୁ ଲୋକମାନଙ୍କୁ ଅଂଶୁଘାତ ହେଉ ନଥିଲା, ବରଂ ମାର୍ଚ୍ଚରୁ ଜୁନ୍ ଭିତରେ ଭାରତରେ ଏହା ହେଉଥିଲା, କିନ୍ତୁ ସାମ୍ପ୍ରତିକ ସମୟରେ ଏହାର ସଂଖ୍ୟା ଦ୍ୱିଗୁଣିତ ବା ତ୍ରିଗୁଣିତ ହୋଇଛି । କିନ୍ତୁ ସରକାରମାନେ କେବଳ ଅଂଶୁଘାତ ମୃତ୍ୟୁ ପାଇଁ କ୍ଷତିପୂରଣ ରାଶି ପ୍ରଦାନ କରିବା ବ୍ୟତୀତ ସେହି ଯୋଜନାକୁ କ୍ୱଚିତ୍ ଅନୁସରଣ କଲେ। 'ଉତ୍ତାପରୁ ରକ୍ଷା ପାଇବା ପାଇଁ ଆବଶ୍ୟକୀୟ ପ୍ରତିଷେଧକ ବ୍ୟବସ୍ଥାଗୁଡ଼ିକ ଆପଣାନ୍ତୁ'କୁ କାମରେ ପରିଣତ କରିବା ଅପେକ୍ଷା କହିବାରେ ବେଶୀ ସୀମିତ ରହି ଯାଇଛି, ଯେତେବେଳେ କି ଦେଶ ଏମିତି ଏକ ଅବସ୍ଥା ଆଡ଼କୁ ଅଗ୍ରସର ହେଉଛି ଯେଉଁଠି କେନ୍ଦ୍ରିକ୍ ବିଶ୍ୱବିଦ୍ୟାଳୟର ଅଧ୍ୟୟନ ଅନୁସାରେ ଉତ୍ତାପ ଲହରୀ '୨୦୫୦ ସୁଦ୍ଧା ଛାଇରେ ରହିଥିବା ସତ୍ତ୍ୱେ ଜଣେ ସୁସ୍ଥ ମଣିଷ ପାଇଁ ଅସହ୍ୟ ହେବ।' ଏହି ଅଧ୍ୟୟନ ଆହୁରି ମଧ୍ୟ ଦର୍ଶାଇଛି ଯେ ୨୦୧୫ରେ ଅତ୍ୟଧିକ ଗ୍ରୀଷ୍ମ ଲହରୀ ଯୋଗୁଁ ଅଂଶୁଘାତ ଫଳରେ ୨ ହଜାର ଲୋକଙ୍କ ମୃତ୍ୟୁକୁ ମିଶାଇ ଗତ ୩୦ ବର୍ଷ ଭିତରେ ଅଂଶୁଘାତଜନିତ ମୃତ୍ୟୁ ସଂଖ୍ୟା ନିହାତି କମ୍‌ରେ ୨୪ ହଜାର ହୋଇଛି । ଉତ୍ତାପ ଲହରୀ ବା ଅଂଶୁଘାତ ହୁଏତ ନିରବ ଘାତକ ହୋଇପାରେ, କିନ୍ତୁ ଅସହ୍ୟ ଗରମ ଓ ଥଣ୍ଡାରେ ଘର ବାହାରେ କାମ କରିବା ନିମନ୍ତେ ସରକାର ଏକ ମାର୍ଗଦର୍ଶିକା ପ୍ରସ୍ତୁତ କରିବା ଉଚିତ ଯଦ୍ୱାରା ଯଦି ଅଧିକ ଆହ୍ୱାନମୂଳକ ପରିସ୍ଥିତିରେ ଶ୍ରମିକମାନେ କାମ କରି ନ ପାରିଲେ, ତା'ହେଲେ ସେମାନେ ସେମାନଙ୍କ ମଜୁରୀରୁ ବଞ୍ଚିତ ହେବେନାହିଁ। ବର୍ତ୍ତମାନ ସମୟର ଜଳବାୟୁ ସଂକଟ ଏତେ ଉତ୍କଟ ହୋଇଛି ଯେ ଲକ୍ଷ ଲକ୍ଷ ସଂଖ୍ୟାରେ ଲୋକମାନେ ଗ୍ରୀଷ୍ମ ଓ ଶୀତ ଋତୁରେ ବିପଦୋନ୍ମୁଖୀ ହୋଇ ପଡୁଛନ୍ତି । ଏଥିପାଇଁ ଆବଶ୍ୟକ ପରିସ୍ଥିତିରେ ଉନ୍ନତି ଘଟାଇବା ନିମନ୍ତେ ସମାଜର ସବୁ ସ୍ତରରେ କିଛି ଚିନ୍ତା କରିବା, ଯାହା ଫଳରେ ଯେଉଁମାନେ ଅଧିକ ବିପଦପ୍ରବଣ, ସେମାନଙ୍କୁ ନିଜକୁ ସୁରକ୍ଷିତ ରଖୁବା ନିମନ୍ତେ ସ୍ୱଳ୍ପ ମୂଲ୍ୟ ଦେବାକୁ ପଡ଼ିବ । ସମୟ ଉପଗତ ହୋଇଛି, ଭାରତ ପାରିବେଶିକ ସଂକଟ ହେଉ କି ବାୟୁ ପ୍ରଦୂଷଣ ବା ବନୀକରଣ, ଏସବୁ କ୍ଷେତ୍ରରେ କୋହଳ ନୀତି ଅବଲମ୍ବନ କରିବା ଭଳି ଆଭିମୁଖ୍ୟ ଦେଖାଇବା ଅନୁଚିତ।

କଳିଯୁଗ ଲୋକ

ଦୀପକ କୁମାର ନାଏକ

ଯାହାର ଯମାରୁ ନଥିଲା
ଦିନେ ରଫ୍ ଖାତା
ସେ ଏବେ ନିଜକୁ କହୁଛି ବଡ଼ ଦାତା
ଯିଏ କରୁଥିଲେ ପର ନିନ୍ଦା ଚର୍ଚ୍ଚା
ସେ ଏବେ ବନିଛନ୍ତି ଗାଁ କୁଜି ନେତା
ଯିଏ ଛଅ ଥର ମେଟ୍ରିକ୍ ଫେଏଲେ
ସିଏ ହବାକୁ କହୁଛି ଏମେଲେ
ଯିଏ କଳାକୁ କରୁଛି ଧଳା
ସିଏ ଚଢେ ଏବେ ଗାଡ଼ି ଘୋଡା
ଯିଏ ମାଡ଼ି ନାହିଁ କେବେ ସ୍କୁଲ୍ ଦ୍ୱାର
ସିଏ ନିଜକୁ କହୁଛି ଜ୍ଞାନ ଘର
ଯିଏ ମାଡ଼ି ନାହିଁ କେବେ କଲେଜେ
ସିଏ ସବୁଠି ବାଣ୍ଟୁଛି ନଲେଜେ
ଯିଏ ଧନୀ ହେଲା କଳା ଧନରେ
ସିଏ ଉଡାଏ ସ୍ୱଚ୍ଛତା ବାନାରେ
ଯିଏ ଥିଲା ବଡ଼ ଗୋଟେ ଗର୍ଦ୍ଦାର
ସିଏ ସାଜିଛି ସାଧୁଙ୍କ ସର୍ଦ୍ଦାର
ଯାହା କରୁଛୁ କରୁଥା ଧନରେ
ସବୁ ଦେଖୁଅଛି ଚକା ଆଖିରେ
ଦିନେ ହିସାବ କରିବ ଗଣିରେ
ମୂଳ ସୁଧ ଆଦାୟ କରିରେ

ଯୁବ ସାମ୍ବାଦିକ
ଗ୍ରାମ-ଗଣ୍ଡାନାଳୀ, ବ୍ଲକ୍ -ହିନ୍ଦୋଳ
ଜିଲ୍ଲା-ଢେଙ୍କାନାଳ,ପିନ୍ -
୭୫୯୦୨୧
ମୋ:୮୬୩୭୨୬୧୮୨୮

କର୍ମଫଳରେ ଅଧିକାର: ନିର୍ବାଚନୀ ଫଳ

ଡକ୍ଟର ଲକ୍ଷ୍ମଣ ସାହୁ

ପ୍ରାର୍ଥୀମାନଙ୍କ ନିର୍ବାଚନ ପରୀକ୍ଷା ଶେଷ ହୋଇଛି । ଆସନ୍ତା ଜୁନ ଚାରି ତାରିଖର ଫଳାଫଳକୁ ଆଉ ଦୁଇ ଦିନ ଅପେକ୍ଷା ରହିଛି । ଦୀର୍ଘ ଦେଢ ମାସ ଧରି ଚାଲିଥିବା ନିର୍ବାଚନ ପ୍ରଚାର ଶେଷରେ, ଭାରତୀୟ ଭୋଟରମାନେ ବର୍ତ୍ତମାନ ଶ୍ରୀମଦ୍ ଭଗବଦ୍ ଗୀତାର ଦ୍ୱିତୀୟ ଅଧ୍ୟାୟର ଚାଳିଶତମ ପଦ ପ୍ରତି ଧ୍ୟାନ ଦିଅନ୍ତୁ । ଗୀତାରରେ ପ୍ରଥମାର୍ଦ୍ଧ ଭଲ ଭାବରେ ଏହା ଉଦ୍ଧୃତ ହୋଇଛି । 'ତୁମର ଅଧିକାର କଦାପି କର୍ମ ଦ୍ୱାରା ନୁହେଁ'। କିନ୍ତୁ ସେହି ପଦର ଦ୍ୱିତୀୟାର୍ଦ୍ଧ ମଧ୍ୟ ଅତ୍ୟନ୍ତ ପ୍ରାସଙ୍ଗିକ, କାରଣ ତୃତୀୟ ପାଣ୍ଡବଙ୍କୁ ତାଙ୍କ ରଥ ଅଟକି ଯିବାରୁ କୃଷ୍ଣଙ୍କ ଦ୍ୱାରା ପରାମର୍ଶ ଦିଆଯାଇଛି । କର୍ମର ଫଳ କିମ୍ବା କାର୍ଯ୍ୟ ନକରିବାକୁ ଇଚ୍ଛା କର ନାହିଁ।' ଏକାଧିକ ଇନ୍ଦ୍ରିୟରେ ପ୍ରାସଙ୍ଗିକ କଥା ଉଲ୍ଲେଖନୀୟ । ଗୋଟିଏ ଅର୍ଥ ଅତି ସରଳ ଭୋଟରଙ୍କ ଫଳାଫଳ ଆକାଂକ୍ଷିତ ହେଉ ବା ନହେଉ, ଜଣକୁ ଭୋଟ୍ ଦେବାକୁ ପଡିବ, ଜଣେ ନିଷ୍କ୍ରିୟ ହୋଇପାରିବ ନାହିଁ। ଗୀତାରେ ଦର୍ଶାଇ ଦିଆଯାଇଛି -

'କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନେ /
ମା କର୍ମଫଳ-ହେତୁରୁ-ଭୂର୍ମା ତେ ସଙ୍ଗୋରୁ ଅକର୍ମଣି ।

ଅର୍ଥାତ୍ କର୍ତ୍ତବ୍ୟ କର୍ମ କରି ଯାଅ । କିନ୍ତୁ ଏହାର ଫଳ ଆଶା କର ନାହିଁ । କାରଣ କର୍ମ ଉପରେ ତୁମର କୌଣସି ଅଧିକାର ଅଛି । କିନ୍ତୁ କର୍ମଫଳ ଉପରେ ତୁମର ଅଧିକାର ନାହିଁ । ଟିକିଏ ସୂକ୍ଷ୍ମ ଦୃଷ୍ଟିରୁ ବିଚାର କଲେ ମନୁଷ୍ୟ ଯେଉଁ କର୍ମ କରେ ସେ କର୍ମର ଲାଭ କ୍ଷତିକୁ ହିସାବକୁ ନେଇ କର୍ମ କରିଥାଏ । କିନ୍ତୁ ଭଗବାନ ଶ୍ରୀକୃଷ୍ଣ ତୃତୀୟ ପାଣ୍ଡବ ଅର୍ଜୁନଙ୍କୁ କହିଛନ୍ତି ହେ ଅର୍ଜୁନ ତୁମେ କେବଳ ତୁମର କର୍ମ କରିଯାଅ । ସେ କର୍ତ୍ତବ୍ୟ କର୍ମରୁ ତୁମେ ଲାଭବାନ ହେବ କି କ୍ଷତିଗ୍ରସ୍ତ ହେବ ସେ ଚିନ୍ତା ତୁମେ ନକରି ମୋ ଉପରେ ଛାଡିଦିଅ। ମୁଁ ତୁମର କର୍ମ ଅନୁସାରେ ତୁମକୁ ସଠିକ ମୂଲ୍ୟ ଦେବି । ଏଥିରେ ତିଳେ ମାତ୍ର ସଂଦେହ କର ନାହିଁ । କାରଣ ତୁମର କଳା କର୍ମକୁ ମୁଁ ନିଜେ ଦେଖୁଥାଏ। ବାସ୍ତବରେ ନିର୍ବାଚନ ଶେଷରେ ଆଶାୟୀ ପ୍ରାର୍ଥୀମାନେ ଥରେ ମାତ୍ର ହୃଦୟଙ୍ଗମ କରି ନେବା ଆବଶ୍ୟକ ।

ଯଦି ଏହି ପରାମର୍ଶକୁ ମନେ ରଖେ, ଭୋଟର ଚିନ୍ତିତ ଓ ଅସ୍ଥିର ମନକୁ ଶାନ୍ତ କରିପାରନ୍ତି ଓ ଗୌରବ ଅନୁଭବ କରିପାରନ୍ତି । ଯଦିଓ ସେ ହାରିଥିବା ଗୋଷ୍ଠୀରେ ସ୍ଥାନିତ ହୋଇଥିଲେ ମଧ୍ୟ ଏକ ଶୁଦ୍ଧ ଧର୍ମ ପାଳନ ବୋଲି ଭାବି ନେବା ଉଚିତ୍ । କିନ୍ତୁ ମହାଭାରତର ସବୁଠାରୁ ସେହି ପବିତ୍ର ଉକ୍ତି କହିଥିବା ଶବ୍ଦର ଏକ ଗଭୀର ଅର୍ଥ ଆଜି କଳ୍ପନା କରାଯାଇପାରେ। ସେହି ଅର୍ଥ ଗଣତନ୍ତ୍ରର ମୂଳରୁ ଉତ୍ପନ୍ନ ହୁଏ । ଏହା ଏକ ଜଟିଳ ବିବର୍ତ୍ତନର ପ୍ରକୃତି ପ୍ରକାଶ କରେ । ଗଣତନ୍ତ୍ର କେଉଁଠାରୁ ଆରମ୍ଭ କରି ଗଣତନ୍ତ୍ରରେ ପରିଣତ ହେଲା । ଏହା ଏକ ଗୁରୁତ୍ୱପୂର୍ଣ୍ଣ ଓ ଗମ୍ଭୀର ବିବର୍ତ୍ତନବାଦ ଅଧ୍ୟାୟ ।

ଗଣତନ୍ତ୍ରର କୌଣସି ଆଲୋଚନା ଆରମ୍ଭରେ ଗୋଟିଏ ପ୍ରଶ୍ନ ଯାହା ଫାନ୍ଦରେ ପଡ଼େ । ମନକୁ ବାରମ୍ବାର ଆନ୍ଦୋଳିତ କରେ । ବାସ୍ତବରେ ଗଣତନ୍ତ୍ରର ଅର୍ଥ କ'ଣ ? ଏପରିକି ମହାଭାରତରେ ଅସୀମ ପ୍ରଶ୍ନ ଭଳି ଏବଂ ଉତ୍ତର ଠାରୁ କମ୍ ଅଟେ ଯାହା ଅନେକ ଦିନ ଧରି ସାରା ବିଶ୍ୱରେ ଜମା ହୋଇଆସୁଛି । ତେଣୁ ସେହି ଜାଲରୁ ଦୂରେଇ ରହିବା ବୁଦ୍ଧିମାନ ଅଟେ। ସହଜ ଉପାୟ ହେଉଛି ସେହି ବ୍ୟବସ୍ଥା ବିଷୟରେ ଚିନ୍ତା କରିବା ଯାହାକି ନିର୍ବାଚନୀ ଗଣତନ୍ତ୍ରର ପର୍ବକୁ ସମାପ୍ତ କରିଛି। ଏହାର ଏକ ସରଳ ଯୁକ୍ତି ମଧ୍ୟ ଅଛି । ୱିନଷ୍ଟନ୍ ଚର୍ଚ୍ଚିଲଙ୍କ ପ୍ରସିଦ୍ଧ ଉଦ୍ଧୃତିକୁ ବର୍ଣ୍ଣନା କରି କୁହାଯାଇପାରେ ଗଣତନ୍ତ୍ରର ଅନ୍ୟ ସମସ୍ତ ପ୍ରକାର ବ୍ୟତୀତ ନିର୍ବାଚନୀ ହେଉଛି ଗଣତନ୍ତ୍ରର ସବୁଠାରୁ ଖରାପ ବ୍ୟବସ୍ଥା । ଦେଶର ସମସ୍ତ ବୟସ୍କ ନାଗରିକ, ବହୁ ଦଳ କିମ୍ବା ଗୋଷ୍ଠୀର ପ୍ରାର୍ଥୀଙ୍କ ମଧ୍ୟରୁ ମୁକ୍ତ ନିର୍ବାଚନ ଦ୍ୱାରା ମନୋନୀତ ହୋଇ ଭଦ୍ରତା ଚଳାଇବେ। ଏହି ବ୍ୟବସ୍ଥାର ପ୍ରଥମ ତଥା ମୁଖ୍ୟ ଗୁରୁତ୍ୱ ହେଉଛି ଏହାର ପ୍ରାଗତିକ ଚରିତ୍ର।

ବିଶ୍ୱର ଅନେକ ଦେଶର ଇତିହାସ ଦ୍ୱାରା ଏହା ଅନେକ ଥର ପ୍ରମାଣିତ ହୋଇଛି । ଏହି ବ୍ୟବସ୍ଥା ମାଧ୍ୟମରେ ଶାସକଙ୍କୁ ତାଙ୍କ ଅପରାଧ ପାଇଁ ପ୍ରତ୍ୟାଖ୍ୟାନ କରାଯାଇ ଦଣ୍ଡିତ କରାଯାଇପାରିବ, ଶାସନ ବନ୍ଦ ହୋଇପାରିବ । ଶେଷରେ ଶାସନରେ ନୂତନ ସଂସ୍କାର ଆସିପାରିବ । ସ୍ୱାଧୀନ ଭାରତ ଇତିହାସରେ ଏଭଳି ଘଟଣା ଜଣାଶୁଣା । ପରିବର୍ତ୍ତନର ଏହି ସମ୍ଭାବନା ହେଉଛି ଗଣତନ୍ତ୍ରର ଅନନ୍ୟ ଶକ୍ତି । ଏହି କାରଣରୁ ଗଣତାନ୍ତ୍ରିକ ରାଜନୀତି ହେଉଛି ସମ୍ଭାବ୍ୟ ଏକ ମସ୍ତବଡ କଳା ।

କହିବା ବାହୁଲ୍ୟ ସମସାମୟିକ ଭାରତରେ, ରାଜନେତାମାନେ ସେହି ସମ୍ଭାବନାକୁ କିପରି ଗ୍ରହଣ କରିଛନ୍ତି ଓ ନିର୍ବାଚନ ପ୍ରଣାଳୀକୁ ଦେଇଛନ୍ତି, ତାହା ହେଉଛି ଏକ କଳା । କିନ୍ତୁ ଏହା ମୁଖ୍ୟତଃ ଏକ ଜ୍ୱଳନ୍ତ ଚିତ୍ର । ଯାହା ଏକାସାଙ୍ଗରେ ଦ୍ୱନ୍ଦ୍ୱ ଓ ଭୟ ସୃଷ୍ଟି କରେ । ଗତ କିଛି ମାସ ଧରି ନାଗରିକମାନେ ସେଭଳି ପ୍ରତିମାକୁ ଦେଖି ଭୟଭୀତ ହୋଇପଡିଥିଲେ । ଏହି ପରିସ୍ଥିତିରେ ନାନା ପ୍ରଶ୍ନ ଉଙ୍କି ମାରୁଛି । ନିର୍ବାଚନୀ ଗଣତନ୍ତ୍ରକୁ ରାଜନେତାଙ୍କ ଏକ ବଡ଼ ଭାଗରୁ ଉଦ୍ଧାର କରିବାର ଉପାୟ କ'ଣ ? ଏହି ସୁନିଶ୍ଚିତ ଦୃଢ ପ୍ରଶ୍ନର ଉତ୍ତର ଗୀତାର ସେହି ବାକ୍ୟରେ ମିଳିବ ଅକର୍ମ ହେବ ନାହିଁ । ମତଦାନ ଦିବସରେ ମତଦାନ ଜଣେ ନାଗରିକଙ୍କ କାର୍ଯ୍ୟ ସମାପ୍ତ କରେ ନାହିଁ । ଗଣତାନ୍ତ୍ରିକ ବ୍ୟବସ୍ଥାର ଦୃଢତା ବିଷୟରେ ସମସ୍ତେ ଚିନ୍ତା କଲେ ହିଁ ଗଣତନ୍ତ୍ର ସଫଳ ହୋଇପାରିବ । ଅବଶ୍ୟ ଯେତେବେଳେ ଶକ୍ତିଶାଳୀମାନେ ସିଷ୍ଟମକୁ ନିୟନ୍ତ୍ରଣ କରନ୍ତି ଏବଂ ମନଇଚ୍ଛା କାର୍ଯ୍ୟ କରନ୍ତି, ସେତେବେଳେ ନାଗରିକଙ୍କ ଦାୟିତ୍ୱ ବହୁଗୁଣିତ ହୁଏ । ଏହିଠାରେ ନାଗରିକ ନାଗରିକଠାରୁ ଭିନ୍ନ ଅଟନ୍ତି । ବିଷୟଗୁଡ଼ିକର କିଛି କରିବାର ନାହିଁ, ରାଜାଙ୍କ ଆଜ୍ଞା ହେଉଛି ସେମାନଙ୍କର ଧର୍ମ। ନିରନ୍ତର ସାମାଜିକ ତଦାରଖ ମାଧ୍ୟମରେ ଶକ୍ତିଶାଳୀମାନଙ୍କର ଅଧିକାର ବୁଝିବା ପାଇଁ ନାଗରିକର କର୍ତ୍ତବ୍ୟ । ଏଠି ଅଜ୍ଞ ଲୋକମାନେ ନିଷ୍କ୍ରିୟ। କିନ୍ତୁ ସଚେତନ ନାଗରିକମାନେ ସକ୍ରିୟ ଅଛନ୍ତି । ଏହି ପରିପ୍ରେକ୍ଷୀରେ, ସମାଜର ଶିକ୍ଷିତ, ସଚେତନ ବିଭାଗ ଉପରେ ବିଶେଷ ଦାୟିତ୍ୱ ରହିଛି । ଯାହାର ସୁଯୋଗ, ସାମର୍ଥ୍ୟ ଓ ସ୍ୱର ଅଛି ।

ଦୁର୍ଭାଗ୍ୟବଶତଃ ସମସାମୟିକ ଭାରତରେ ସେମାନଙ୍କ ମଧ୍ୟରୁ ବହୁ ସଂଖ୍ୟାରେ ଥିବା ନାଗରିକ ସେହି ଦାୟିତ୍ୱ ଗ୍ରହଣ କରନ୍ତି । ବେଳେ ବେଳେ ଶାସକଙ୍କର ସେବା କରନ୍ତି କିମ୍ବା ବିଭ୍ରାନ୍ତିକୁ ଆଖି ବୁଜି ଦିଅନ୍ତି । ଆଶାକରାଯେ ଶାସକଙ୍କ ଅନ୍ୟାୟ ପ୍ରାଧାନ୍ୟକୁ ବିରୋଧ କରି ଏକ ବ୍ୟତିକ୍ରମ ବିଭାଗ ଆପୋଷ ବୁଝମଣା କରେ ନାହିଁ । ସେଭଳି କେବଳ ଶାସକ ଜଳୀୟ ଗୋଷ୍ଠୀ ନୁହେଁ, ବିରୋଧ ଦଳୀୟ ଗୋଷ୍ଠୀ ମାନେ ବେଳେ ବେଳେ ଶାସକ ଗୋଷ୍ଠୀ ଉପରେ ଅବାଞ୍ଛିତ ମିଥ୍ୟା ଆରୋପ ଦେଇ ଭୋଟରଙ୍କୁ ବିଭ୍ରାନ୍ତିକର ତଥ୍ୟ ଦେଇ ନିଜ ଆଡକୁ ଆକୃଷ୍ଟ କରିଥାନ୍ତି। ତଥାପି ସେମାନେ ଗଣତନ୍ତ୍ରର ଭରସା, ଏହାର ଅପାର ସାମର୍ଥ୍ୟର ଧାରକ। ଯେତେବେଳେ ମହାଭାରତର ସେହି ଜ୍ଞାନକୋଷ ରୂପକ ପରାମର୍ଶ ସହିତ ମୁହାଁମୁହିଁ ହେବେ, ସେମାନେ ଏକ ସ୍ୱଚ୍ଛ ସ୍ୱରରେ ଘୋଷଣା କରିବେ 'କେବଳ କାର୍ଯ୍ୟରେ ନୁହେଁ, ଫଳସ୍ୱରୂପ, ମୋର ସମ୍ପୂର୍ଣ୍ଣ ଅଧିକାର ଅଛି ଯାହା ଗଣତାନ୍ତ୍ରିକ ଅଧିକାର । ତେଣୁ ଉତ୍କଣ୍ଠା ସହିତ ଆଶାୟୀ ପ୍ରାର୍ଥୀମାନେ ଗୀତାର ସେହି ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଦେଇ ଥିବା ମହାମନ୍ତ୍ର 'କର୍ମଣ୍ୟେ ବାଧିକାରସ୍ତେ...'ଉକ୍ତିକୁ ସ୍ମରଣ କରନ୍ତୁ..!!!

ତାରା ନିଳୟ ,
ପ୍ଲଟ ନମ୍ବର: ୮୫୪/ଏ
ଚାଚରା ଶବରସାହି,
ମୁକୁନ୍ଦ ପ୍ରସାଦ,
ଖୋର୍ଦ୍ଧା -୫୫ ,
ମୋ: ୯୦୪୦ ୧୫୧୪୭୫

ଲକ୍ଷ୍ମୀ ପୁରାଣ : ଶିବ-ଦୁର୍ଗା ଉପାଖ୍ୟାନ

ଡକ୍ଟର ତପନ କୁମାର ପାଲ

ବଳରାମ ଦାସଙ୍କ ଲକ୍ଷ୍ମୀପୁରାଣରେ ଅଛି ଏକ ଗୁରୁତ୍ୱପୂର୍ଣ୍ଣ ଉପାଖ୍ୟାନ। ତାହା ଏହି ପରି ବଳରାମ ଓ ଜଗନ୍ନାଥ ଦୁଇ ଭାଇ ଭିକ୍ଷା ମାଗି ବୁଲୁଥିବା ବେଳେ କେଉଁଠାରୁ ହେଲେ ଅନ୍ନ, ଜଳ ପାଇ ନଥିଲେ। ଲକ୍ଷ୍ମୀଙ୍କର ହଟ ଯୋଗୁଁ ଯେଉଁଠାରେ ବି ଅନ୍ନ, ଜଳ ମିଳିବାର ଆଶା ଥିଲା, ତାହା ଅଚିରେ ନିରାଶାରେ ପରିଣତ ହେଉଥିଲା। ସବୁଆଡୁ ନିରାଶ ହେବା ପରେ, ଶେଷରେ ବଳରାମ ଜଗନ୍ନାଥଙ୍କୁ କହିଲେ ଏଠୁ ଆମକୁ ଆଉ ଅନ୍ନ ଜଳ ମିଳିବ ନାହିଁ। ଏଣୁ ଚାଲ, କପିଳାସପୁର ଯିବା। ତା ପରେ ଦୁହେଁ ମତ୍ସ୍ୟଦେଶ ଓ ଅଙ୍ଗଦେଶ ହୋଇ ଯାଇ ପହଞ୍ଚିଥିଲେ କପିଳାସପୁରରେ।

କପିଳାସପୁରରେ ପହଞ୍ଚି ଦୁହେଁ ଶିବଙ୍କୁ ନମସ୍କାର କଲେ। ତାଙ୍କର ସେହି ଦୁଃସ୍ଥ ଅବସ୍ଥା ଦେଖି ଶିବ ପଚାରିଲେ ତୁମ୍ଭ ଦୁଇ ଭାଇଙ୍କର ଏପରି ଦରିଦ୍ର ଅବସ୍ଥା କିପରି ହେଲା ? ତାପରେ ସବୁ କଥା ଶୁଣି ଜଗନ୍ନାଥଙ୍କୁ କହିଲେ - ଭାରିଯାକୁ ଛାଡ଼ିବା ତୁମ ପକ୍ଷେ ଆଦୌ ଉଚିତ ହୋଇନାହିଁ। ତାହାପରେ, ଜଗନ୍ନାଥଙ୍କ ଆଗରେ ଶିବ ଲକ୍ଷ୍ମୀଙ୍କର ଗୁଣ ବଖାଣିଲେ। କହିଲେ - ଲକ୍ଷ୍ମୀ ଦରିଦ୍ରଭଞ୍ଜନୀ। ସେ କୃପାକରି ଯାହାକୁ ଯା

ସ୍ମୃତିରେ ଗାଆଁ ବରଗଛ

ଧ୍ରୁବ ଚରଣ ବେହେରା

ଖୋର୍ଦ୍ଧା ଜିଲ୍ଲାରେ ଅଠରବାଟିଆ ଗାଆଁଟିଏ । ସେହି ଗାଆଁର ଶେଷ ମୁଣ୍ଡରେ କାହିଁ କେତେ କାଳରୁ ବରଗଛଟିଏ ଦଣ୍ଡାୟମାନ ହୋଇ ରହିଥିଲା । ଗଛଟି ଅନେକ ସୁଖ ଦୁଃଖର ମୁକସାକ୍ଷୀ ଥିଲା । ଏହି ଗଛତଳେ ଆମ ଗାଆଁର ଲୋକମାନେ ଏକାଠି ହୋଇ କେତେ ଗପସପ ହୋଇଥାନ୍ତି। ଅନେକ ସୁଖ ଦୁଃଖର ସାଥି ଏହି ଏହି ବିଶାଳକାୟ ବୁଢା ବରଗଛଟି । କାହାର ପୁଅ ବାହାଘର, କାହାର ମଲାଘର, କାହାର ପୁଅ ଜନ୍ମ, କାହାର ବ୍ରତଘର ଇତ୍ୟାଦି । ଭାବ ଓ ସ୍ନେହକୁ ଆପଣେଇ ନିଜ ନିଜ ଭିତରେ ବାଣ୍ଟି ଦେଇଥାନ୍ତି ସେହି ଗାଆଁର ବାସିନ୍ଦା, ଏହି ଗଛ ମୂଳରେ । ସେହି ବରଗଛ ତଳ ହେଉଛି ସତେ ଯେମିତି ଖୁସିର ଗନ୍ତାଘର ଓ ସ୍ନେହ ଓ ଭାଇଚାରାର ସ୍ମୃତି ପୀଠ । ବାପା କୁହନ୍ତି , ଯେତେବେଳେ ସେମାନେ ଛୋଟ ପିଲା ଥିଲେ ଏହି ବରଗଛ ହିଁ ସେମାନଙ୍କ ପିଲାଦିନର ମୁକସାକ୍ଷୀ । ସେହି ବରଗଛ ତଳେ ବାଗୁଡି ଖେଳ ସହିତ ଅନେକ ମଜା, ମଉଜ କାଟିଛନ୍ତି । ମୁଁ ଏବଂ ମୋର ସାଙ୍ଗମାନେ ମଧ୍ୟ ସେହି ବରଗଛ ଓହଳରେ ଅନେକ ଥର ଦୋଳି ଖେଳିଛୁ । ତାହା ଆମମାନଙ୍କର ପିଲା ଦିନର ଖୁସିର ସହର କହିଲେ ଚଳେ । ଗ୍ରୀଷ୍ମ ଋତୁ ଆସିଲେ ଟାଇଁ ଟାଇଁ ଖରା ସହିତ ଝାଞ୍ଜି ପବନ ବି ଅତି ଜୋରରେ ବହେ । ବୈଶାଖ ମାସ ଯୋଗୁଁ ଚଢେଇମାନେ ଚୁପ୍ ଚାପ୍ ହୋଇ ଗଛପତ୍ରର ଛାଇରେ ଧିର ହୋଇ ବସିକରି, କେତେ ଯେ କିଚିରି ମିଚିରି ସଙ୍ଗୀତ ଶୁଣାଇଛନ୍ତି, ସେ ଅପୂର୍ବତା ଗୁଞ୍ଜରିତ କାକଳୀ ଭିତରେ ଖୁସିର ଏକ ସୁନ୍ଦର ସମନ୍ୱୟ ସକାଳ ସଞ୍ଜର ଶାନ୍ତ ପରିବେଶ ମଧ୍ୟରେ ପ୍ରକୃତିର ରମ୍ୟତାକୁ ଦି ଗୁଣିତ କରି ଦେଇଥାଏ । ଗଛ ଛାଇର ଶୀତଳ ସ୍ପର୍ଶକୁ ଆପଣେଇଁ ଦୁଃଖରେ ହେଉ ବା ସୁଖରେ ହେଉ ଆପଣା ଖୁସିକୁ ନିଜ ଭିତରେ ବାଣ୍ଟି ଦେଇ ଗାଇଥାନ୍ତି ସୁମଧୁର ବିହଙ୍ଗ ସଂଗୀତ କାକଳୀର ସୁରେ ସୁରେ ତା'ର ହିସାବ ନାହିଁ । ବେଳେ ବେଳେ ସୁନ୍ଦର ଆକାଶ କୋଳରେ ତାଙ୍କର ଟିକି ଟିକି ଡେଣା ମେଲାଇ ଉଡିଲା ବେଳେ ମନ ହୁଏ ଶୋଭା ରାଜିର ଅପୂର୍ବ ସମ୍ଭାର । ବାଃ...କି ସୁନ୍ଦର ସେ ସକାଳ, ବାଳ ଅରୁଣର ରକ୍ତିମ କିରଣର ଆଭାରେ ବୃକ୍ଷଟି ଯେମିତି ପ୍ରକୃତି କୋଳରେ ନିଜକୁ ସମର୍ପଣ କରି ଦେଇ ନିଜ ଦେହରେ ବିଛାଇ ଦେଇଥାଏ ସବୁଜିମା ରାଜିର ଶ୍ୟାମଳ ଚାଦର । ପରିଶ୍ରମି ଚଢେଇ ଗୁଡିକ ଆହର ଟିକେ ଖୋଜିବା ପାଇଁ ନୀଳ ଆକାଶରେ ନିଜର ଟିକି ଟିକି ଡେଣାକୁ ଝାଡି, ନଦୀ, ନାଳ, ସାଗର, ବଣ ଓ ପାହଡ ଡେଇଁ ବାହାର ଯାଆନ୍ତି ମଧୁମୟ ସଂଗୀତର ସୁରେ ସୁରେ ଅନେକ ଦୂରକୁ । ସନ୍ଧ୍ୟା ରାଣୀର ଆଗମନ ପୂର୍ବରୁ ଫେରି ଆସନ୍ତି ପୁଣି ନିଜ କାଠ, କୁଟା ଓ ଘାସ ରେ ଗଢା ସଜାଡା ନୀଡକୁ । ସେମାନଙ୍କ ନୀଡ ସେମାନଙ୍କ ଲାଗି ସତେ ଯେମିତି ରାଜପ୍ରସାଦର ସୁଖ । ନଥାଏ ସେଠାରେ ମନରେ ହିଂସା କି ସ୍ୱାର୍ଥଭାବ । ଅକୁଣ୍ଠିତ ଚିତ୍ତ ଓ ଜୀବନ ଯାତ୍ରାର ଆମୋଦ ପ୍ରମୋଦର ମଧୁର ଅନ୍ତରଙ୍ଗ ମୁହୂର୍ତ୍ତ । ସରଳତା ଓ ସନ୍ତୁଷ୍ଟତା ସେମାନଙ୍କ ନୀତି ଓ ଆଦର୍ଶ । ତଥାପି ନିଷ୍ପାପ ଜୀବନ ଜିଇବାର କଳା ସେମାନଙ୍କୁ ଜଣା । ପରିଶ୍ରମ କରିବାକୁ କେବେହେଲେ କୁଣ୍ଠାବୋଧ କରନ୍ତି ନାହିଁ । ପାଖକୁ ଯାଇ ଆହାର ଖୋଜି ନିଜେ ଖାଇବା ସହିତ ନିଜ ପକ୍ଷୀ ଶାବକ ମାନଙ୍କ ମୁହଁରେ ଆହାର ଭରି ଦେବା ତାଙ୍କର ନିତି ଦିନିଆ କର୍ତ୍ତବ୍ୟ । ଏହି ବରଗଛ ହିଁ ସେମାନଙ୍କ ଜନ୍ମ ମୃତ୍ୟୁର ଶେଷ ସ୍ଥାନ ବୋଲି ସେ ତା'ର କୋଳରେ ସକାଳ ଓ ସନ୍ଧ୍ୟାର ଆଗମନକୁ ଖୁସିର ସହିତ ଆପଣେଇଁ ନେଇଛନ୍ତି । ବରଗଛଟି ଗାଆଁ ଶେଷ ମୁଣ୍ଡରେ ଅର୍ଥାତ ଜାତୀୟ ରାଜପଥ କଡରେ ଥିବାରୁ ଖରା ବରଷାର ସାଥି ସେ ସମସ୍ତଙ୍କର । ବାଟୋଇ ମାନଙ୍କର ବନ୍ଧୁ ପାଲଟି ଥିଲା ଏହି ଗଛ । ମୁଁ ସେତେବେଳେ ପଞ୍ଚମ ଶ୍ରେଣୀରେ ପାଠ ପଢୁଥାଏ । ସ୍କୁଲରେ ଆମ ଶିକ୍ଷକ ପାଠ ପଢାଇ ଥିଲେ ବୃକ୍ଷ ଆମର ବନ୍ଧୁ । ଫୁଲ, ଫଳ, ଛାଇ, ଜାଳେଣି ପାଇଁ କାଠ ଓ ବଞ୍ଚିବା ପାଇଁ ଅମ୍ଳଜାନ ମଧ୍ୟ ଯୋଗାଇଥାଏ । ଫଳ ନଦେଲେ ମଧ୍ୟ ଛାଇ ତ ଦେଇଥାଏ । ବୃକ୍ଷ ହିଁ ଆମର ଯୁଗେ ଯୁଗେ ବନ୍ଧୁ, ଗଛ ଥିଲେ ଠିକ୍ ସମୟରେ ବର୍ଷା ହୁଏ ପରିବେଶ ସୁସ୍ଥ ଓ ସୁନ୍ଦର ମଧ୍ୟ ରହିଥାଏ । ଏହି ବରଗଛ ଓହେଳରେ ଆମେ ସକାଳେ ଓ ସନ୍ଧ୍ୟାରେ ଓହଳିବାକୁ ଯାଉ କାରଣ ସେନା ବିଭାଗରେ ଭର୍ତ୍ତି ହେବାକୁ ହେଲେ ଲମ୍ବାଇ ଅତି କମ୍ ରେ ୧୭୦ ସେ:ମି ରୁ ଅଧିକ ହେବା ଦରକାର । ଆମେ ନିଜର ଶାରୀରିକ ଲମ୍ବାଇ ବୃଦ୍ଧି ନିମିତ ଏହାର ଓହଳରେ ନିତିଦିନ ଯେବେ ସମୟ ମିଳେ ଓହଲୁ ଥାଉ । ଏହାରି ଭିତରେ ଅନେକ ବର୍ଷ ବିତି ଯାଇଥାଏ ମୁଁ ସେନା ବିଭାଗରେ ଚାକିର କଲି । ପ୍ରଥମ ପୋଷ୍ଟିଂ କାଶ୍ମୀରର ବାରମୁଲା ଜିଲ୍ଲାରେ । ଡିୟ୍ୟୁଟି କରିବା ପାଇଁ ମୁଁ କାଶ୍ମୀର ସୀମାରେ ଅବସ୍ଥାପିତ ହେଲି । ମୂଳ ପ୍ରଶିକ୍ଷଣ ସରି ଯାଇଥାଏ ଗାଆଁକୁ ଛୁଟି ଆସି ଦେଖିଲି ଯେଉଁ ଗାଆଁ ମୁଣ୍ଡରେ ସେ ପୁରୁଣା ବରଗଛଟି ଥିଲା ଆଉ ସେଠାରେ ନାହିଁ । ଶୁଣିବାକୁ ପାଇଲି ଏହି କିଛି ମାସ ତଳେ କାଳ ବୈଶାଖୀ ଆସିବା ଫଳରେ ଗଛଟି ଉପୁଡି ଯାଇ ଜାତୀୟ ରାଜପଥ ଉପରେ ପଡି ଯାଇଥିଲା, ତେଣୁ ଗମନାଗମନ ଅସୁବିଧା ହେଉଥିବା ଯୋଗୁଁ ପୁର୍ତ୍ତ ବିଭାଗ ତାକୁ ସମ୍ପୂର୍ଣ୍ଣ ଭାବେ କାଟି ଦେଇଛି । ସେହି ଜାଗାରେ ଆଉ ସେ ଗଛର ନାମ ନିଶାନ୍ କିଛି ନାହିଁ । ପୂର୍ବର ବରଗଛ ଥିବା ଜାଗାଟି ସମ୍ପୂର୍ଣ୍ଣ ଜନ ଶୂନ୍ୟ ଲାଗୁଛି । ସନ୍ଧ୍ୟା ହେଲେ ନା ଆଉ ଶୁଭୁଛି ପକ୍ଷୀଙ୍କ କାକଳୀ ନା ହୀରା ମାଆ ବୁଢୀ ସେଠାରେ ବସି ଖରା ଦିନ ହେଲେ ବସିକରି ପାନ ଭାଙ୍ଗୁଛି ଖଣ୍ଡ ଖଇର ଦେଇ, ଥଣ୍ଡା ପବନ ଖାଇବାକୁ ସେଠାକୁ ଆଉ କେହି ଆସୁ ନାହାଁନ୍ତି । ସାଧୁ ମଉସା ସେଠାରେ ବସି ଆଉ ଗାଉ ନାହିଁ ଟୀକା ଗୋବିନ୍ଦଚନ୍ଦ୍ରର କାହାଣୀ । ବାଟୋଇ ଭାଇର ତତଲା ପାଦକୁ ମିଳୁନାହିଁ ଆଉ ଶୀତଳତାର ଛାଇ। ଗାଆଁ ପିଲାମାନଙ୍କର ବର ଓହଳରେ ଦୋଳି ଖେଳିବାର ଦୃଶ୍ୟ ଯେମିତି ସାତ ସପନ ହୋଇ ଯାଇଛି । ରଜ ମଉଜ ଆସିଲେ ସେ ହସ ଖୁସି ସବୁ ଉଭେଇ ଗଲା ପରି ଲାଗେ । ଏମିତି ଅନେକ ଅଫେରା ସପନ ସତେ ଯେମିତି ଫେରି ଯାଇଛି ଅନେକ ଦୂରକୁ । ଏହି ସବୁ କଥା ଭାବି ମୁଁ ଦାଣ୍ଡ ବାରଣ୍ଡାରେ ମନ ଦୁଃଖ କରି ବସିଥାଏ ହେଲେ ମୋ ହୃଦୟକୁ ଲାଗୁଥାଏ ସତେ ଯେମିତି ପାହଡଟିଏ ଖସି ପଡିଛି । ହସ ଖୁସିର ସେହି ଜାଗା ଆଜି ଜନଶୂନ୍ୟ ମରୁଭୂମି ପରି ପ୍ରତୀୟମାନ । ମୋ ପୁଅ କୁନା ଘର ଭିତରୁ ଆସି ମୋତେ ଦେଖି କହିଲା ବାପା କଣ ହୋଇଛି ? କାହିଁକି ଆପଣ ଏତେ ଭାଙ୍ଗି ପଡିଛନ୍ତି ? କିଏ କଣ କହିଲା କି ? କାହିଁକି ଆପଣ ଏମିତି ବସି ବସି ଆଖିରୁ ଲୁହ ଝରାଉଛନ୍ତି । ବାପା ସୁକୁମାର ପୁଅକୁ ସବୁ କଥା କହିଲେ । ବାପାଙ୍କ କଥା ଶୁଣି କୁନା କହିଲା ଜାଣିଛ ବାପା ଆମ ବାଡି ପଛରେ ଗୋଟେ ଟିକି ବରଗଛଟେ ଦୁଇଟି ପତ୍ର ବାହାର କରିଛି ବେଶୀ ବଡ ହୋଇନାହିଁ । ଜଦି ଆପଣ କହିବେ ତାହାହେଲେ ସେହି ଗଛଟିକୁ ନେଇ ପୁଣି ସେହି ବୁଢା ବରଗଛ ଉପୁଡି ଯାଇଥିବା ଜାଗାରେ ଲଗାଇ ଦେବା । କୁନାର କଥା ଶୁଣି ତା'ଙ୍କ ବାପା ସୁକୁମାର ବେହେରା ବହୁତ ଆନନ୍ଦିତ ହେଲେ । ଘରୁ ଜାଲ ବାଉଁଶ କଣି ନେଇ ଗଛଟିକୁ ଅତି ଯତ୍ନର ସହକାରେ ଗୋବର ଖତ ଓ ପାଣି ଦେଇ ମାଟିରେ ଚେର ବୁଡିବା ପର୍ଯ୍ୟନ୍ତ ପୋତିଦେଲେ । ବାପା ଚାକିରିକୁ ଗଲାପରେ କୁନା ପ୍ରତିଦିନ ସନ୍ଧ୍ୟାରେ ଯାଇ ସେହି ଗଛ ମୂଳରେ ଗୋଟିଏ ବାଲଟି ପାଣି ଦେଇ ଗଛଟିକୁ ନିତି ଦେଖି ଆସୁଥାଏ । ସେତେବେଳକୁ କୁନାକୁ ମାତ୍ର ପାଞ୍ଚ ବର୍ଷ ହେଇଥାଏ । ଏହାରି ଭିତରେ ଅନେକ ଦିନ ପରେ ମାସ ଓ ବର୍ଷ କଡ ଲେଉଟାଇ ଆଗେଇ ଚାଲିଥାଏ । ଯେତେ ବେଳେ ମୁଁ ଚାକିରି ରୁ ଗାଆଁକୁ ଫେରେ ସେହି ଗଛଟିକୁ କେମିତି ବଡ କରି ଭେଣ୍ଡା ବରଗଛ ଟିଏ କରିବି ମୋର ତା' ପ୍ରତି ଅଧିକ ଭଲ ପାଇବା ଥାଏ । ସତେ ଯେମିତି ଆନନ୍ଦ ଓ ଖୁସିର ଲହରୀ ନୀଳ ଝରଣା ଟିଏ କୁଳୁ କୁଳୁ ରାବକରି ଆତ୍ମୀୟତାର କୂଳ ଛୁଇଁ ଦେଉଛି । ଧିରେ ଧିରେ ଗଛଟି ବଡ ହୋଇ ଯାଇଛି ଏହା ଭିତରେ ମୋ ପୁଅ କୁନାକୁ ୨୦ ବର୍ଷ ବୟସ ମଧ୍ୟ ହୋଇଗଲାଣି। ଟିକି ଦୁଇ ପତ୍ର କାଢିଥିବା ବରଗଛଟି ଆଜି ୧୫ ବର୍ଷ ବୟସରେ ଶାଖା ପ୍ରଶାଖା ମେଲାଇ ସବୁଜ ସୁନ୍ଦର ହୋଇ ସଦା ଯେମିତି ନବ ଯୌବନର ରେ ପଦାର୍ପଣ କରି ଏକ ଯୁବ ବରଗଛ ହୋଇ ଗାଆଁ ମୁଣ୍ଡରେ ଠିଆ ହୋଇଛି । ଆଉ ତା'ର ଶାଖା ପ୍ରଶାଖାରୁ ବର ଓହଳ ମାନ ନୂଆ ନୂଆ ବାହାରି ଭୂମିକୁ ଛୁଇଁବା ପାଇଁ ଯେମିତି ଆତୁର ହେଉଛନ୍ତି । ଚାତକ ଓ ବର୍ଷାର ସଂପର୍କ ପରି ମନେ ହୁଏ ଦେଖିଲେ । କେଉ ଅଜଣା ରାଇଜର ଆକାଶ ଭିତରୁ ଯେମିତି ଅମୃତର ବାରି ଝରିଆସେ ଶୋଷିଲା ଚାତକ ମୁହଁର ଶୋଷ ମେଣ୍ଟାଇବାକୁ । ଦେଖିଲା ପରେ ମୋ ଭିତରେ ନିଜକୁ ନିଜେ ଅନେକ ପ୍ରଶ୍ନ କରି ବସେ । ଗଛଟିକୁ ଦେଖିଲେ ନିଜେ ଅସୀମ ତୃପ୍ତି ଲାଭ କରିଥାଏ । ଦେଶ ସେବାର ନିଜକୁ ନିୟୋଜିତ କରି ଦୀର୍ଘ ୧୭ ବର୍ଷ ପରେ ଆଜି ଜନ୍ମମାଟି ଅଠରବାଟିଆ ଗାଆଁକୁ ଫେରିଛନ୍ତି ସୁକୁମାର ବାବୁ । କୁନାର ବାପା ସୁବ୍ରତ ବାବୁ ଆର୍ମିରେ ୧୭ ବର୍ଷ ଚାକିରି କଲାପରେ ସ୍ୱଇଚ୍ଛାରେ ସେବା ନିବୃତ୍ତ ନେଇ ଆଜି ସେହି ନୂଆ ବରଗଛଟି ପାଖରେ ଅତୀତର ପୁରଣା ସ୍ମୃତିକୁ ଦେଖି ଆତ୍ମହରା ବା ଚକିତ୍ ହୋଇ ଯାଉଛନ୍ତି । ବରଗଛଟିକୁ ସେମିତି ଆବାକ୍ ହୋଇ ଚାହିଁଛନ୍ତି ଜମା ଆଖି ଫେରୁନାହିଁ ସେଠାରୁ । ବାଃ...କି ସୁନ୍ଦର ସେ ଅତୀତ ? ଆଜି ନୂଆ ବରଗଛଟିକୁ ବର୍ତ୍ତମାନର କାନ୍ତି ସବୁଜିମାର ସୌଦାଗର ପାଲଟାଇ ଦେଇଛି । ସତେ ଯେମିତି ପତ୍ର, ଫୁଲ, ଫଳ ଓ ଓହଳ ଭିତରୁ ବର୍ତ୍ତମାନର ନୂତନତାର ଚାଦର ଉପରେ ସଜାଇ ଦେଇଛି ଏକ ସବୁଜ ଆ ବରଣ । ଆଜି ହାତ ଠାରି ଡାକୁଛନ୍ତି ସୁକୁମାର ବାବୁଙ୍କୁ ମୋ ପ୍ରିୟ ସୁକୁମାର ବାବୁ ମୋତେ ଟିକିଏ ଭଲ କରି ଆଖି ପୁରାଇ ଦେଖ ମୁଁ ତୁମର ସେହି ଅଭୁଲା ଅତୀତ । ଏତିକି ବେଳେ ଭାବନାର ଗହୋର ସମୁଦ୍ରରୁ ଚକ୍ଷୁର ବେଳା ଭୂମିକୁ ଛୁଇଁ ଦୁଇ ବିନ୍ଦୁ ଆନନ୍ଦର ଅଶ୍ରୁ ଝରି ଯାଇଛି ଆଖିରୁ ଓଠ ପର୍ଯ୍ୟନ୍ତ । କଅଁଳିଆ ଓଠର ଚଟାଣ ଉପରେ ଅମୂଲ୍ୟ ହୀରାର ଜାଜ୍ୱଲ୍ୟମାନ ମନୋରୋମ ଛବି। ସତରେ ସେ ଅତୀତ କେତେ ଯେ ନିଆରା ତାହାର ଖୁସିର ସୀମା ଅସୀମ ଓ ଅମାପ । ତେଣୁ ଇଛାଥିଲେ ଅତୀତର ଖୁସିକୁ ବର୍ତ୍ତମାନରେ ମଧ୍ୟ ଉପଲବ୍ଧି କରିହେବ । ଆସନ୍ତୁ ଆମେ ସମସ୍ତେ ମିଳିମିଶି ପ୍ରତ୍ୟେକ ବର୍ଷ ବୃକ୍ଷ ସୁକୁମାର ବାବୁଙ୍କ ପରି ପରିବେଶକୁ ଓ ଗଛ ପ୍ରତି ଆଦର କରିବା । ଆମର ଉପକାରରେ ଆସୁଥିବା ବୃକ୍ଷ ମାନଙ୍କର ସୁରକ୍ଷା କରିବା । ବୃକ୍ଷ ରୋପଣ ଏକ ମହତ କାମ। ଆମ ପରିବେଶକୁ ସବୁଜ ସୁନ୍ଦର କରି ଗଢି ତୋଳିବା ଯେଉଁଠି ଫାଟି ପଡୁଥିବ କାକଳୀ ସଂଗୀତର ସୁନ୍ଦର ମୂର୍ଚ୍ଛନା । ହସୁଥିବ ଆମ ଗାଆଁ ମୁଣ୍ଡରେ ବର୍ତ୍ତମାନରେ ଅତୀତର ଅନନ୍ୟ ସୁନ୍ଦର ସ୍ମୃତି ।

+ଭାରତୀୟ ସାମରିକ ସେବା
ଅଠରବାଟିଆ, ବାଲୁଗାଁ, ଖୋର୍ଦ୍ଧା
ମୋ-୮୩୨୮୯୩୦୫୫୪

ଦୀର୍ଘସ୍ଥାୟୀ ଖୁସି

ଶିବାଶିଷ ପାଢ଼ୀ



ଅଫିସରୁ ଘରର ଦୂରତା ପ୍ରାୟ ଆଠ କିଲୋମିଟର କିନ୍ତୁ ସେଇ ଆଠ କିଲୋମିଟରକୁ ଲାଗିଯାଏ ପ୍ରାୟ ଘଣ୍ଟାଏ। ତାର କାରଣ ହେଲା ବାଟରେ ପଡୁଥିବା ବଜାର। ସନ୍ଧ୍ୟା ସମୟରେ ଯେମିତି ପୁର୍ଣଯୌବନା ହୋଇଥାଏ ବଜାରଟି। ବହୁତ ଭିଡ଼ ହୁଏ । ବଜାରର ଠିକ ମଝାମଝି ପଡିଥାଏ ସାହୁବାବୁଙ୍କ ହୋଟେଲ। ସେଇଠି ହିଁ ପ୍ରାୟ ଅଟକିଯାଏ ମୁଁ। ସବୁଦିନ କେହି ନା କେହି ଦେଖା ହୋଇଯାନ୍ତି ସେଇଠି। ଆଉ ଚାଲେ ଗପସପ। ଆଉ ସେହି ଡେରି ପାଇଁ ବେଳେବେଳେ ପ୍ରବଳ ଅଶାନ୍ତି ହୁଏ ଘରେ। ଭୀଷଣ ବିରକ୍ତ ହୁଅନ୍ତି ବାପା। କିଛି କହି ନପାରିଲେ ବି ସେ ବିରକ୍ତିକୁ ପ୍ରକାଶ କରନ୍ତି ତାଙ୍କ ଚେହେରାରେ।

ମୁଖ୍ୟ ଦରଜା ଖୋଲୁଖୋଲୁ ମୁଁ ବି ଜାଣିଯାଏ ସେ କଥା। ଠିକ ସେଇଠୁଁ ସିଧା ଦେଖାଯାଏ ବାପାଙ୍କ କୋଠରୀ । କବାଟ ଖୋଲିବାର ଶବ୍ଦରେ ଚାତକ ପରି ଚାହୁଁଥିବା ବାପା ଚେହେରାକୁ ହିଁ ମୁଁ ପ୍ରଥମେ ଦେଖେ ଘରକୁ ଆସୁଆସୁ। ଦେଖେ ସେ ଚେହେରାର ବଦଳୁଥିବା ଭାବକୁ। ବିରକ୍ତି ରୂପାନ୍ତରିତ ହୋଇଯାଏ ଗୋଟିଏ ପ୍ରଶାନ୍ତିର ଭାବକୁ। କିନ୍ତୁ ପରେପରେ ହିଁ ଚାଲିଆସେ ସେ ଚେହେରାର ଚିରସ୍ଥାୟୀ ଉଦାସିଆ ଭାବ। ଆଜି ବି ଠିକ ସେମିତି ହିଁ ହୋଇଥିଲା କିନ୍ତୁ ଆଜି ଟିକିଏ ବେଶି ଡେରି ହୋଇଯାଇଥିଲା ମୋର। ମୋତେ ଦେଖୁଁ ଦେଖୁଁ ରେଣୁ କହିଥିଲେ -କାହିଁ ଏତେ ଡେରି କରୁଛ ତୁମେ ? ବାପା ବିରକ୍ତ ହୁଅନ୍ତି। ଜାଣିଛ ନାଁ ? ଜାଣିଛି ଯେ ମୁଁ କଣ ଛୁଆ ହୋଇଛି ରେଣୁ। କଣ ହୋଇଯାଉଛି କି ମୋର ? ଆଉ ବାପା ବି ବୁଝିବା କଥା। କହିଥିଲି ମୁଁ। ସେକଥା ସିଏ ଜାଣିବେ କିନ୍ତୁ ଯେଉଁଦିନୁ ବାପା ଖଟରେ ପଡିଲେଣି ସେ ତ ବେଶି ଏମିତି ହେଉଛନ୍ତି ମୁଁ କଣ କରିବି ? ରେଣୁ ବି ବିରକ୍ତ ହେଉଥିଲେ।

କିନ୍ତୁ କଥାଟିକୁ ସେଇଠି ଛିଣ୍ଡାଇ ମୁଁ ଯାଇଥିଲି ବାପାଙ୍କ ପାଖକୁ। ମୋତେ ଦେଖି ତାଙ୍କ ଖଟରେ ବସିବାର ଇସାରା କରିଥିଲେ ବାପା। କିଛି କହି ନଥିଲେ କିନ୍ତୁ ମୋ ଦେହକୁ ଆଉଁସି ଆଣୁଥିଲେ ବାପା। ମୁଁ ଦେଖୁଥିଲି ଛଳଛଳ ଥିଲା ତାଙ୍କ ଆଖି। ବହୁତ କଷ୍ଟ ହେଉଥିଲା ବୋଧେ ତଥାପି କହିଥିଲେ -ବାବୁ ଶୀଘ୍ର ଚାଲି ଆସୁଥିବୁ।ମୁଁ କେତେବେଳେ ଚାଲିଯିବି କିଏ କହିପାରେ ? ତୁ ଥିବାବେଳେ ମୁଁ ଯିବା ପାଇଁ ଚାହେଁ ବାବୁ। ବାପା କହୁଥିଲେ ମୁଁ ଭାବୁଥିଲି ସେ ସମୟର ଅବସ୍ଥା। ମୋର ବି ଆଖି ଭରି ଆସୁଥିଲା। କହିଥିଲି - ଏମିତି କାହିଁକି କହୁଛ ବାପା ? ତୁମର କଣ ହୋଇଛି କି ?ଏମିତିରେ ବି ଲୋକ କେତେ କେତେ ବର୍ଷ ବଞ୍ଚୁଛନ୍ତି। ଚାଲି ଆସିଥିଲି ମୁଁ। ସିଧା ଯାଇଥିଲି ଛାତ ଉପରକୁ। ଭାବୁଥିଲି ବାପାଙ୍କ ପରର ଅବସ୍ଥା। ଆଖି ଜକେଇ ଆସୁଥିଲା। ମନେ ପଡୁଥିଲା ଆମେ ଛୋଟ ଥୁବାବେଳେ ଏମିତି ହିଁ ବାଟ ଦେଖୁଥିଲୁ ଅଫିସ ଫେରନ୍ତା ବାପାଙ୍କୁ। ସାଇକେଲର ଶବ୍ଦ କାନରେ ବାଜୁବାଜୁ ମୁଁ ଓ ସାନ ରୁଚିକା ଦୌଡ଼ି ଯାଇ ପକେଟ ଅଣ୍ଟାଳି ପକାଉଥିଲୁ। ଆଉ ସେ ଅକ୍ଷୟପାତ୍ରରୁ ବାହାରୁଥିଲା କିଛି ନାଁ କିଛି।କେବେ ଲେମନଚୂସ ତ କେବେ ଭଜା ବାଦାମ। ସେତେବେଳେ ଯେଉଁ ଖୁସି ମିଳୁଥିଲା ତାହା ଅବର୍ଣ୍ଣନୀୟ। ସେ ଖୁସି ଆଉ କାହିଁ ? ଦୁଃଖିତ ହୋଇଯାଉଥିଲି ମୁଁ। ପିଲାଦିନ ମନେ ପଡୁଥିଲା। ମନେ ପଡୁଥିଲା ବାପାଙ୍କ ସେ ଚେହେରା ଆଉ ଆଖି ଆଗକୁ ଆସି ଯାଉଥିଲା ଆଜିର ଚେହେରା। ସମସ୍ତ ପ୍ରକାର ଔଷଧ। ମା ଓ ରେଣୁଙ୍କ ସମର୍ପିତ ସେବା। ନାତୁଣୀ ମାନଙ୍କ ସ୍ନେହ ଶ୍ରଦ୍ଧା ଓ ପ୍ରଚୁର ଭଲ ପାଇବା ସତ୍ତ୍ୱେ ବି ବାପା ଏତେ ଉଦାସ କାହିଁକି ? କଣ ଆଉ ବାକୀ ରହିଲା ? କଣ କରାଯାଇପାରେ।

ହଠାତ ଭାବିଲି ଆଉ ଗୋଟିଏ ବାଟ ? ଏକ କ୍ଷୀଣ ସ୍ମିତହାସ୍ୟ ଆସିକି ଚାଲିଗଲା ମୋ ଚେହେରାରେ।

ଆରଦିନ ଅଫିସରେ ସାମାନ୍ୟ ଅଧିକ କାମ ଥିଲା। ତେଣୁ ପୁଣି ଡେରି ହୋଇଯାଇଥିଲା। କିନ୍ତୁ ଆଜି ଆସିଲାବେଳେ ମୋ ଡ଼ିକିରେ ଥିଲା ବାପାଙ୍କ ପ୍ରିୟ ସାହୁହୋଟେଲର ଗରମ ଚାଉଳବରା ସହ ତାର ସ୍ପେସିଆଲ ତେନ୍ତୁଳି ଚଟଣୀ। ଆଜି ବି ମୋ ଡେରିପାଇଁ ବିରକ୍ତ ହେଉଥିଲେ ବାପା। କିନ୍ତୁ ଆଜି ମୁଁ ସିଧା ଯାଇଥିଲି ବାପାଙ୍କ ପାଖକୁ। ସେଇଠୁଁ ହିଁ ପ୍ଲେଟପାଇଁ ପାଟି କରିଥିଲି ରେଣୁଙ୍କୁ।ବହୁତ ଖୁସି ହୋଇଯାଇଥିଲେ ବାପା। ଆଉ ସେ ଖୁସି ଦୀର୍ଘସ୍ଥାୟୀ ଥିଲା ଆଜି। ଏବେ ସେମିତି ହିଁ ହେଉଥିଲା। ସନ୍ଧ୍ୟା ସମୟରେ ବାପାଙ୍କ ପାଇଁ କିଛି ନାଁ କିଛି ନେଇକି ଯାଉଥିଲି ମୁଁ ଆଉ ସେତେବେଳେ ମୋତେ ଲାଗୁଥିଲା ଛୋଟ ପୁଅ ପାଲଟି ଯାଉଥିଲେ ମୋର ବୁଢ଼ାବାପା ଆଉ ବୁଢାପୁଅର ବାପା ପାଲଟି ଯାଉଥିଲି ମୁଁ। ଆଉ ସେ ଖୁସି ଭିତରେ ହଜି ହଜି ଯାଉଥିଲା ବାପାଙ୍କ ଚାଲିଯିବାର ଚିନ୍ତା।

ହେମଗିର, ସୁନ୍ଦରଗଡ଼
ମୋ: ୯୭୭୮୧୭୪୯୭୮

ଗଣତନ୍ତ୍ର

ପ୍ରଫୁଲ୍ଲ ବାରିକ

ସଞ୍ଜଗଡି ମାଡିଆସୁଥିଲା ଅନ୍ଧାର । ପାଖଘରୁ ଶୁଭୁଥିଲା ଶେଷଶଙ୍ଖ ସନ୍ଧ୍ୟାସମୟର । ପଦନ ପଡିଛି ଗାମୁଛାପାରି ତଳେ । ଘରଭିତରେ ଲକ୍ଷ୍ମୀ । ଚିତ୍କାତ ହେଇ ପଡିଛି । ପିନ୍ଧା ଶାଢ଼ୀ ବଦଳା ଯାଇନି । ମୁଣ୍ଡ ବିନ୍ଧୁଚି। ଉଭୟେ କ୍ଳାନ୍ତ । ଗୋଟାଦିନ କଟିଚି ଖରାରେ । ପାଣି ଟୋପେ ପିଇବାକୁ ତର ମିଳିନି । କାଇବା ଦୂର । ଲକ୍ଷ୍ମୀ ତିନିଟାକୁ ଫେରି ପଡିଛି ମୁଣ୍ଡକୁ ଧରି । ପଦନ ଆସିଲା ପାଞ୍ଚଟାରେ। ସିଏବି ଭୋକିଲା । ଭାବିଥିଲା ଲକ୍ଷ୍ମୀ ଆସି ରୋଷେଇ କରି ରଖିଥିବ । ଲକ୍ଷ୍ମୀର ଅବସ୍ଥା ଦେଖି ତା ମନ ଘର ଧରିଯାଇଛି । ଆଖିଆ ଶୋଇଛି ଗାମୁଛା ପାରି ।

ନିର୍ବାଚନ ମଣ୍ଡଳୀର ଦୁଇ ପ୍ରାର୍ଥୀଙ୍କର ଥିଲା ନାମାଙ୍କନ ଆଜି । କାର୍ଯ୍ୟକ୍ରମ ଜିଲ୍ଲା ସଦରମହକୁମାରେ, ଯାହା ପଚାସ କିଲୋମିଟର ଦୂର ନିର୍ବାଚନ ମଣ୍ଡଳୀରୁ । ଗଦାଏ

ଡ୍ରାଇଭିଂ ବେଳେ ମୋବାଇଲ୍‌ରେ ଗପିବା ଦୁର୍ଘଟଣା ବଢ଼ାଉଛି: ଏଣିକି ଗାଡ଼ି ସହ ମୋବାଇଲ ଜବତ



ଭୁବନେଶ୍ୱର, ୨/୬ (ନି.ପ୍ର): କମିସନରେଟ୍ ପୁଲିସର ସେଫ୍ ସିଟି ଡ୍ରାଇଭ୍ କାର୍ଯ୍ୟକ୍ରମ କଡ଼ାକଡ଼ି ହେଉଥିଲେ ମଧ୍ୟ ରାଜଧାନୀରେ ସଡ଼କ ଦୁର୍ଘଟଣା କମିବା ନାଁ ଧରୁନାହିଁ। ପ୍ରତିଦିନ ଟ୍ରାଫିକ୍ ନିୟମ ଉଲ୍ଲଂଘନ କରୁଥିବା ଅମାନିଆ ଗାଡ଼ିଚାଳକଙ୍କୁ ଧରି ଜରିମାନା କରାଯାଉଛି, ଆବଶ୍ୟକସ୍ଥଳେ ମଦୁଆ ଗାଡ଼ିଚାଳକଙ୍କୁ ଗିରଫ କରାଯାଉଛି, ଗାଡ଼ି ଜବତ କରାଯାଇ କୋର୍ଟ ଚାଲାଣ କରାଯାଉଛି ଏବଂ ଡ୍ରାଇଭିଂ ଲାଇସେନ୍ସ ମଧ୍ୟ ବାତିଲ କରାଯାଉଛି। କିନ୍ତୁ ଅମାନିଆଙ୍କୁ ସାବାଡ଼ କରିବା ସମ୍ଭବ ହେଉନାହିଁ। ରାଜଧାନୀରେ ସଡ଼କ ଦୁର୍ଘଟଣା ବଢ଼ାଉଛି ଡ୍ରାଇଭିଂ ବେଳେ ମୋବାଇଲ୍‌ରେ ଗପିବା। ତେଣୁ କମିସନରେଟ୍ ପୁଲିସ ଏହା ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ ନୂଆ କଟକଣା ଲାଗୁ କରିବାକୁ ଯୋଜନା କରିଛି। କେହି ଗାଡ଼ିଚାଳନା ସହ ମୋବାଇଲ୍‌ରେ ଗପୁଥିଲେ, ଏଣିକି ଗାଡ଼ି ସହ ମୋବାଇଲ୍ ଫୋନ୍ ଜବତ କରାଯିବ। କୋର୍ଟରୁ ହିଁ ଗାଡ଼ି ଓ ମୋବାଇଲ୍ ମୁକୁଳାଇବାକୁ ପଡ଼ିବ।

ଏହି ନୂଆ ପଦକ୍ଷେପକୁ କଡ଼ାକଡ଼ି କରାଯିବ ବୋଲି ପୁଲିସ କମିସନର ସଞ୍ଜୀବ ପଣ୍ଡା କହିଛନ୍ତି। ଗତକାଲି ଅପରାହ୍ନ ୪ଟା ରୁ ରାତି ୯ଟା ଭିତରେ ରାଜଧାନୀର ବିଭିନ୍ନ ଥାନା ଅଞ୍ଚଳରୁ ୨୧୮ଗାଡ଼ି ଜବତ ହୋଇଥିଲା। ଏଥିରୁ ଅଧିକାଂଶ ଗାଡ଼ି ଚାଳକ ମୋବାଇଲ୍‌ରେ ଗପିଗପି ଡ୍ରାଇଭିଂ କରୁଥିବା ଦେଖିବାକୁ ମିଳିଥିଲା। ସେହପରି ଭୁବନେଶ୍ୱର ଟ୍ରାଫିକ୍ ଥାନା-୧ ଓ ୨ ପକ୍ଷରୁ ହୋଇଥିବା ଯାଞ୍ଚ ବଳରେ ୪୬ ଗାଡ଼ି ଜବତ କରାଯାଇଥିଲା। ଓମ୍‌ଫେଡ୍ ଛକରେ ଯାଞ୍ଚ ଚାଲିଥିବା ବେଳେ ଖସି ପଳାଇଥିବା ମଦ୍ୟପ ମିନିଟ୍ରକ୍ ଡ୍ରାଇଭରକୁ କୋର୍ଟ ଚାଲାଣ କରାଯାଇଛି। ସେହି ଡ୍ରାଇଭରକୁ ଗୋଡ଼ାଇଗୋଡ଼ାଇ କଳିଙ୍ଗ ଷ୍ଟାଡିୟମ୍ ନିକଟରୁ ଗିରଫ କରାଯାଇଥିଲା। ରାଜଧାନୀରେ ନିକଟରେ ଘଟିଥିବା ଅଧିକାଂଶ ସଡ଼କ ଦୁର୍ଘଟଣାର କାରଣ ଯାଞ୍ଚ କଲା ବେଳେ ଜଣାପଡ଼ିଛି ଯେ ଗାଡ଼ିଚାଳକ ମୋବାଇଲ୍‌ରେ ଗପିଗପି ଗାଡ଼ି ଚଳାଉଥିଲେ। ତେଣୁ ସେଫ୍ ସିଟି ଡ୍ରାଇଭ୍ ଯାଞ୍ଚ ପ୍ରକ୍ରିୟାରେ ଏଣିକି ମୋବାଇଲ୍ ଜବତ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି।

ବନ୍ଦ କରିଦେଲେ କଳ୍ପନା ପୋଷଣ କେନ୍ଦ୍ର: ଅର୍ଥ ଅନୁଦାନ ଦେଲେନି ରାଜ୍ୟ କି କେନ୍ଦ୍ର ସରକାର

ଢେଙ୍କାନାଳ, ୨/୬ (ନି.ପ୍ର): ଶିଶୁମାନଙ୍କଠାରେ ଦେଖାଦେଉଥିବା କୁପୋଷଣ ଦୂର କରିବା ଓ ସେମାନଙ୍କୁ ପୋଷଣଯୁକ୍ତ ପୁଷ୍ଟିକର ଖାଦ୍ୟ ଯୋଗାଇ ଦେବା ଲାଗି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଦୀର୍ଘ ୫ ବର୍ଷଧରି ଚାଲିଥିବା କଳ୍ପନା ପୋଷଣ କେନ୍ଦ୍ର ସଂପ୍ରତି ବନ୍ଦ ହୋଇଯାଇଛି। ଡିଏମ୍‌ଏଫ୍ ପାଣ୍ଠି ଦ୍ୱାରା ଏହା ପରିଚାଳିତ ହେଉଥିବା ବେଳେ ସରକାର ଏହାକୁ ଚଳାଇବା ଲାଗି କୌଣସି ପ୍ରକାର ବ୍ୟବସ୍ଥା କଲେ ନାହିଁ। ପୋଷଣ କେନ୍ଦ୍ରରେ କାର୍ଯ୍ୟ କରୁଥିବା କର୍ମଚାରୀ ଦୀର୍ଘ ମାସ ଧରି ଦରମା ପାଇବାରୁ ବଂଚିତ ହୋଇଥିଲେ। ଫଳରେ ଏହି କେନ୍ଦ୍ରଟି ଗତ ୧୫ ଦିନରୁ ଊର୍ଦ୍ଧ୍ୱ ହେବ ବନ୍ଦ ହୋଇଯାଇଛି ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସୂତ୍ରରୁ ଜଣାଯାଇଛି। ଜନପ୍ରତିନିଧି ଓ ପ୍ରାଶାସନିକ ଅଧିକାରୀଙ୍କ ଆନ୍ତରିକତା ଓ ମାନସିକତା ଅଭାବରୁ ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କ ଠାରୁ ସହାୟତା ଅର୍ଥ ଅଣାଯାଇନପାରି ଏପରି ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ରକୁ ବନ୍ଦ କରିଦିଆଯିବାକୁ ନେଇ ବୁଦ୍ଧିଜୀବୀ ମହଲରେ ବ୍ୟାପକ ଆଲୋଡ଼ନ ସୃଷ୍ଟି ହୋଇଛି। ଓଡ଼ିଶାର ପ୍ରଥମ ମହିଳା ଏଭରେଷ୍ଟ ଆରୋହଣକାରୀ କଳ୍ପନା ଦାସଙ୍କ ନାମରେ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୨୦୧୯ ମସିହାରେ ଜିଲ୍ଲା ଖଣିଜ ପାଣ୍ଠି ଅର୍ଥରେ କଳ୍ପନା ପୋଷଣ କେନ୍ଦ୍ର ଖୋଲାଯାଇଥିଲା। ସେଠାରେ ୧୦ଟି ଶଯ୍ୟା ବିଶିଷ୍ଟ କକ୍ଷରେ ଅପପୁଷ୍ଟିଜନିତ ଜନ୍ମରୁ ୧୨ ବର୍ଷ ବୟସର ପିଲାମାନଙ୍କୁ ୧୪ ଦିନ ପର୍ଯ୍ୟନ୍ତ ଅନ୍ତେବାସୀ ଭାବେ ରଖାଯାଇ ବିଭିନ୍ନ ପୁଷ୍ଟିକର ଖାଦ୍ୟ ସହ ଚିକିତ୍ସା ଯୋଗାଇ ଦିଆଯାଉଥିଲା। ସେହି ଶିଶୁରୋଗୀଙ୍କ ସହ ଆଟେଣ୍ଡାଣ୍ଟ ଭାବେ ତାଙ୍କ ପରିବାରର ଜଣେ ସଦସ୍ୟ ରହୁଥିଲେ। ଚିକିତ୍ସାଧୀନ ଶିଶୁମାନଙ୍କୁ ପ୍ରତିଦିନ ପୁଷ୍ଟିକର ଖାଦ୍ୟ, ପାନୀୟ ସହ ୧୦୦ ଟଙ୍କା ଦିଆଯାଉଥିଲା। ଏହାବ୍ୟତୀତ ଯିବା ଆସିବା ଖର୍ଚ୍ଚ ମଧ୍ୟ ଦିଆଯାଉଥିଲା। ପୋଷଣ କେନ୍ଦ୍ର ଦାୟିତ୍ୱରେ ଜଣେ କାଉନ୍‌ସିଲର, ଏଏନ୍‌ଏମ୍, ଆଟେଣ୍ଡାଣ୍ଟ, ରୋଷେୟା ଏବଂ

ସହାୟିକାଙ୍କୁ ମିଶାଇ ୫ ଜଣ କର୍ମଚାରୀ ରହିଥିଲେ। ସ୍ୱର୍ଗତ କଳ୍ପନା ଦାସଙ୍କ ସ୍ମୃତିରେ ଜିଲ୍ଲା ଖଣିଜ ପାଣ୍ଠି ଦ୍ୱାରା ପରିଚାଳିତ ହେଉଥିବା ଏହି କେନ୍ଦ୍ରରେ ଗତ ୫ ବର୍ଷ ମଧ୍ୟରେ, ୬୫୦ରୁ ଊର୍ଦ୍ଧ୍ୱ ଅପପୁଷ୍ଟି ଶିଶୁ ଚିହ୍ନଟ ହୋଇ ଚିକିତ୍ସିତ ହୋଇଛନ୍ତି। ସମୟକ୍ରମେ ଏହାକୁ ରାଜ୍ୟ କିମ୍ବା ଜାତୀୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି ସହାୟତା ପ୍ରଦାନ କରାଗଲା ନାହିଁ। ଫଳରେ ବ୍ୟାପକ ପରିଚାଳନାଗତ ସମସ୍ୟା ସୃଷ୍ଟି ହେଲା। ଏପରିକି ସେଠାରେ କାର୍ଯ୍ୟରତ ୫ ଜଣ କର୍ମଚାରୀ ଦୀର୍ଘ ମାସ ଧରି ଦରମା ପାଇବାରୁ ବଞ୍ଚିତ ହୋଇ ହୀନସ୍ତା ହେଲେ। ପ୍ରଶାସନ ପକ୍ଷରୁ ସଂପୃକ୍ତ କର୍ମଚାରୀଙ୍କୁ ଅନ୍ୟ ବିଭାଗରେ ଥଇଥାନ କରିବା ସହ ଏହି କେନ୍ଦ୍ରକୁ ବନ୍ଦ କରିଦିଆଯାଇଛି। ଏ ସଂପର୍କରେ ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ତଥା ହସ୍‌ପିଟାଲ ସୁପରିଟେଣ୍ଡେଣ୍ଟ ଡ. ସଂକଳ୍ପ କେଶରୀ ଭୋଳ କୁହନ୍ତି ଯେ, ପୋଷଣକେନ୍ଦ୍ର ଚଳାଇବା ଲାଗି ସରକାରୀସ୍ତରରେ କୌଣସି ଅର୍ଥ ଦିଆଗଲା ନାହିଁ। ଏହା ଦୀର୍ଘ ବର୍ଷ ଧରି ଖଣିଜ ପାଣ୍ଠି ଦ୍ୱାରା ପରିଚାଳିତ ହେଉଥିଲା। ସେଥିରେ ଅସୁବିଧା ହେବା ସହ କର୍ମଚାରୀମାନେ ୬ ମାସରୁ ଅଧିକ ସମୟ ଧରି ଦରମା ପାଇନାହାନ୍ତି। ସେଥିଲାଗି ଏହାକୁ ବନ୍ଦ କରିଦିଆଯାଇଛି। କେନ୍ଦ୍ର ସରକାରଙ୍କ ଜାତୀୟ ସ୍ୱାସ୍ଥ୍ୟ ମିସନ୍ ଅନୁଦାନରେ କାମାକ୍ଷାନଗର ଏବଂ ହିନ୍ଦୋଳରେ ୧୦ ଟି ଶଯ୍ୟା ଥାଇ ପୋଷଣ କେନ୍ଦ୍ର ଚାଲୁଛି ବୋଲି ସେ କହିଥିଲେ।

ନାକଟୀଦେଉଳ କଲେଜ ଅଧ୍ୟକ୍ଷଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ସମ୍ବଲପୁର, ୨/୬ (ନି.ପ୍ର): ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ନାକଟୀଦେଉଳ କଲେଜ ଅଧ୍ୟକ୍ଷ ତଥା ଓଡ଼ିଆ ବିଭାଗର ବରିଷ୍ଠ ପ୍ରଧ୍ୟାପକ ଡ. ମନୋରଞ୍ଜନ ପ୍ରଧାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଏବଂ ନୂତନ ଅଧ୍ୟକ୍ଷ ହେମାନନ୍ଦ ପ୍ରଧାନଙ୍କୁ ସ୍ୱାଗତ କରିବା ଉଦ୍ଦେଶ୍ୟରେ ଏକ ସ୍ୱାଗତ ସଭା ଆୟୋଜନ କରାଯାଇଥିଲା । ଅଧ୍ୟାପକ ଡ. ପ୍ରଶାନ୍ତ କୁମାର ଦାଶଙ୍କ ସଂଯୋଜନାରେ ଆୟୋଜିତ ସଭାରେ ବିଦାୟୀ ଅଧ୍ୟକ୍ଷ ଡ. ପ୍ରଧାନଙ୍କୁ ଉପଢ଼ୌକନ, ଉପହାର ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା କରାଯାଇଥିଲା । ପରେପରେ ନୂତନ ଅଧ୍ୟକ୍ଷ ହେମାନନ୍ଦ ପ୍ରଧାନଙ୍କୁ ମଧ୍ୟ ଉତ୍ସହିତ ସ୍ୱାଗତ କରାଯାଇଥିଲା । ଅଧ୍ୟାପିକା ବିନିତା ମୁର୍ମୁ ମାନପତ୍ର ପାଠ କରିଥିଲେ । କଲେଜ ପକ୍ଷରୁ ରମାକାନ୍ତ ବିଶ୍ୱାଳ, ସରୋଜ ଭୁଏ, ଅରୁଣ ବିଶ୍ୱାଳ, ଅଶୋକ ଧଳ, ଜିତେନ୍ଦ୍ର ପଣ୍ଡା, ଜିତେନ୍ଦ୍ରୀୟ ପ୍ରଧାନ, ବିବେକାନନ୍ଦ ପ୍ରଧାନ, ଅମିତ ବିଶ୍ୱାଳ, ଶାନ୍ତିଲତା ପ୍ରଧାନ, ବୈଜୟନ୍ତୀ ପ୍ରଧାନ ପ୍ରମୁଖ ଡ. ପ୍ରଧାନଙ୍କୁ ଶୁଭେଚ୍ଛା ଜ୍ଞାପନ ପ୍ରଦାନ କରିଥିଲେ ।

ନକଲି ଡାକ୍ତରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି

ଗଞ୍ଜାମ, ୨/୬ (ନି.ପ୍ର): ନକଲି ଡାକ୍ତରଙ୍କୁ ସାବାଡ୍ କରିବା ପାଇଁ ସବୁ ଜିଲ୍ଲାରେ ଆଂଟି କ୍ୱାକେରୀ ସେଲ ସିଡିଏମଓଙ୍କ ଅଧ୍ୟକ୍ଷତାରେ ଗଠନ କରାଯାଇଛି ।ଏହି ସେଲ୍ ତାଙ୍କ ଜିଲାରେ ଥିବା ନକଲି ଡାକ୍ତରଙ୍କୁ ଖୋଜି ବାହାର କରି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ତେବେ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀରେ ବହୁ ନକଲି ଡାକ୍ତର କାର୍ଯ୍ୟ କରୁଥିଲେ ମଧ୍ୟ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। ବିଶେଷ କରି ପିତଳ ଛକ, ପିତଳ ବଜାର ଓ ବଡସାହିରେ କ୍ଲିନିଂ ଖୋଲି ଜଣେ ନକଲି ଡାକ୍ତର ଗରୀବ, ଅଶିକ୍ଷିତ ଓ ସରଳ ବ୍ୟକ୍ତିଙ୍କୁ ଚିକିତ୍ସା ବାହନାରେ ହଜାର ହଜାର ଟଙ୍କା ଲୁଟିବା ସହ ରୋଗୀଙ୍କ ଜୀବନ ସହ ଖେଳ ଖେଳୁଥିବା ଅଭିଯୋଗ ହେଉଛି। ତୁରନ୍ତ ଗଂଜାମ ଜିଲା ସିଡିଏମଓ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

ସରକାରୀ ନିୟମର ଖୋଲା ଅବମାନନା: ଯାତ୍ରୀବାହୀ ବସ୍‌ରେ ନାହିଁ ପାଣି, ଗ୍ଲୁକୋଜ ଓ ବରଫ

ରାଉରକେଲା, ୨/୬ (ନି.ପ୍ର): ରାଜ୍ୟରେ ଅଂଶୁଘାତ ଆଶଙ୍କାକୁ ଏଡ଼ାଇବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ଆପଣେଇବାକୁ ମାର୍ଗଦର୍ଶିକା ଜାରି କରାଯାଇଛି। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ଯାଏ ଘରୁ ନ ବାହାରିବା, ହାଲୁକା ପୋଷାକ ପିନ୍ଧିବା ଆଦି ନିୟମର କଡ଼ା ଅନୁପାଳନ କରିବାକୁ କୁହାଯାଇଛି। ବିଶେଷକରି ଯାତ୍ରୀବାହୀ ବସ୍‌ରେ ପାନୀୟ ଜଳ, ଓଆରଏସ୍, ଆଇସ୍‌କ୍ୟୁବ୍ ଆଜି ଗଚ୍ଛିତ ରଖିବାକୁ ସ୍ପଷ୍ଟ ରଖିବାକୁ ନିର୍ଦ୍ଦେଶ ହୋଇଛି। ବିଡ଼ମ୍ବନା, ଗୋଟିଏ ବି ସରକାରୀ କିମ୍ବା ବେସରକାରୀ ବସ୍ ଏହି ନିୟମର ପାଳନ କରୁନାହାନ୍ତି। ଏମିତିକି ଗାଡ଼ିଚାଳକ/କଣ୍ଡକ୍ଟର ନିୟମ ବିଷୟରେ ଅବଗତ ନଥିବା କହିଛନ୍ତି। ଜିଲ୍ଲାର ତାପମାତ୍ରା ୪୦ ଡିଗ୍ରିରୁ କମିବାର ନାଁ ନେଉନି। ପ୍ରବଳ ତାତି ସାଙ୍ଗକୁ ଗ୍ରୀଷ୍ମପ୍ରବାହ ଓ ଗୁଳୁଗୁଳି ଜନସାଧାରଣଙ୍କୁ ନାକେଦମ କରିସାରିଲାଣି। ଏସବୁ

ଭିତରେ ଅତ୍ୟାବଶ୍ୟକ କାର୍ଯ୍ୟ ପାଇଁ ଜନସାଧାରଣ ବସ୍‌ରେ ଗମନାଗମନ କରିବାକୁ ବାଧ୍ୟ ହେଉଛନ୍ତି। ସହର ଭିତରେ ଲୋକେ କ୍ଲଟ୍ ପରିଚାଳିତ ମୋ'ବସ୍‌ରେ ଯାତାୟତ କରୁଛନ୍ତି। କିନ୍ତୁ କୌଣସି ଗାଡ଼ିରେ ନିୟମାନୁଯାୟୀ ପାଣି, ଗ୍ଲୁକୋଜ୍, ଆଇସ୍‌କ୍ୟୁବ୍ ଆଦି ରଖାଯାଉନି। ବେସରକାରୀ ବସ୍‌ରେ ସରକାରୀ ନିୟମର ଉଲ୍ଲଂଘନ କରାଯାଉଥିବାବେଳେ ସରକାରୀ ବସ୍‌ରେ ନିୟମର ଖୋଲା ଅବମାନନାକୁ ବୁଦ୍ଧିଜୀବୀ ନାପସନ୍ଦ କରିଛନ୍ତି। ସଂପ୍ରତି ରାଉରକେଲା ଓ ଆଖପାଖ ଅ?ଞ୍ଚଳରେ ୩୦ରୁ ଅଧିକ ମୋ'ବସ୍ ଚଳାଚଳ କରୁଛି। କିନ୍ତୁ ଗୋଟିଏ ବି ବସ୍‌ରେ ନିୟମ ପାଳନ ହେଉନି। ଏନେଇ କିନ୍ତୁ ଜିଲ୍ଲା ପରିବହନ କର୍ତ୍ତୃପକ୍ଷ ଆଖିବୁଜି ଦେଇଛନ୍ତି। ପୂର୍ବଭଳି ଆଉ ଅତର୍କିତ ଯାଞ୍ଚ ହେଉନି କି ଜରିମାନା ବି ଆଦାୟ କରାଯାଉନି। ପରିବହନ କର୍ତ୍ତୃପକ୍ଷ ସବୁଜାଣି ଚୁପ୍ ବସିଥିବାରୁ ନିୟମ ଖିଲାପକାରୀ ବେଧଡ଼କ ନିୟମର ଉଲ୍ଲଂଘନ କରିଚାଲିଛନ୍ତି।

ହ୍ୟାକ୍‌ରଙ୍କ ମୁକାବିଲା ପାଇଁ ସାଇବର କମାଣ୍ଡୋ: ଦେଶରୁ ୩୪୬, ଓଡିଶାରୁ ୭ ମନୋନୀତ

ଭୁବନେଶ୍ୱର: ଦେଶର ବଡ଼ ବଡ଼ ପ୍ରତିଷ୍ଠାନର ସାଇବର ସୁରକ୍ଷାକୁ ନେଇ ଚିନ୍ତା ବଢୁଛି। କାରଣ ଶତ୍ରୁଦେଶ ନିର୍ଦ୍ଦେଶରେ ପରିଚାଳିତ ଅପରାଧୀ ତଥା ପେସାଗତ ହ୍ୟାକରମାନେ ସାଇବର ଆକ୍ରମଣ ଜରିଆରେ ତଥ୍ୟ ଚୋରି କରିବା ସହିତ ବ୍ଲାକ୍‌ମେଲ୍ କରିବା ଘଟଣା ଅଧିକରୁ ଅଧିକ ଘଟି ଚାଲିଛି। ଏହାର ମୁକାବିଲା କରିବାଲାଗି କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ଏକ ବ୍ଲୁପ୍ରିଣ୍ଟ ତିଆରି କରା ଯାଇଛି। ସାଇବର ଆକ୍ରମଣକୁ ପ୍ରତିହତ କରିବାପାଇଁ ସାଇବର କମାଣ୍ଡୋ ତିଆରି କରିବା ଯୋଜନା ହୋଇଛି। ଏହି ଯୋଜନାରେ ପୁଲିସ ଓ ସେନା ବିଭାଗର ୩୪୬ ଜଣ ବଛାବଛା ଅଧିକାରୀଙ୍କୁ ସ୍ୱତନ୍ତ୍ର ସାଇବର କମାଣ୍ଡୋ ପ୍ରଶିକ୍ଷଣ ପ୍ରଦାନ କରାଯିବ। ସୂଚନାଯୋଗ୍ୟ ଯେ ଏଥିପାଇଁ ୨ ମାସ ତଳେ ସର୍ବଭାରତୀୟ ସ୍ତରରେ ଏକ ସ୍ୱତନ୍ତ୍ର

ପରୀକ୍ଷା କରା ଯାଇଥିଲା। ସେଥିପାଇଁ ସାରା ଦେଶରୁ ପୁଲିସ ଓ ସେନାରୁ ୭୪୭ ଜଣ ଅଫିସର ଆବେଦନ କରିଥିଲେ। ପରୀକ୍ଷା ଜରିଆରେ ସେମାନଙ୍କ ଭିତରୁ ସାଇବର କମାଣ୍ଡୋ ପ୍ରଶିକ୍ଷଣ ପାଇଁ ମୋଟ୍ ୩୪୬ ଜଣ ମନୋନୀତ ହୋଇଛନ୍ତି। ସେମାନଙ୍କ ଭିତରେ ଓଡ଼ିଶାରୁ ଅଛନ୍ତି ୭ ଜଣ। ଏହି ୭ ଜଣଙ୍କ ଭିତରେ ଭୁବନେଶ୍ୱର କ୍ରାଇମବ୍ରାଞ୍ଚର ସାଇବର ୟୁନିଟ୍‌ର ୫ ଜଣ ଥିବାବେଳେ କଟକ ୟୁନିଟ୍‌ର ୨ଜଣ ଅଫିସର ଅଛନ୍ତି। ଏମାନେ ସମସ୍ତେ ଏଏସ୍‌ଆଇରୁ ଇନ୍‌ସ୍ପେକ୍ଟର ରାଙ୍କ୍‌ର ଅଫିସର। ଏହି ସାଇବର କମାଣ୍ଡୋଙ୍କୁ ୬ମାସ ପ୍ରଶିକ୍ଷଣ ଦିଆଯିବ। ସେହି ଅବସରରେ ସେମାନେ ଦିଲ୍ଲୀ ଓ ଗୁଜୁରାଟରେ ଥିବା ଜାତୀୟ ସାଇବର ଫୋରେନସିକ୍ ଲାବ୍‌ରେ ପ୍ରଶିକ୍ଷଣ ପାଇବେ।

ସଡ଼କ ସୁରକ୍ଷା ନିୟମକୁ ଫୁ: ଦିଲ୍ଲୀ, କୋଲକାତାରୁ ଆସୁଛି ନକଲି ହେଲ୍‌ମେଟ୍

କଟକ, ୨/୬ (ନି.ପ୍ର): ବାଇକ ଚାଳକମାନେ ନିଜର ସୁରକ୍ଷା ପାଇଁ ପିନ୍ଧୁଥିବା ହେଲମେଟ୍‌ରେ ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡର ଆଇଏସ୍?ଆଇ ମାର୍କ ରହିବା ବାଧ୍ୟତାମୂଳକ। ଆଇଏସ୍‌ଆଇ ମାର୍କ ନଥିବା ହେଲମେଟ୍ ବଜାରରେ ବିକ୍ରି କଲେ ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡ ସମ୍ପୃକ୍ତ ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ନିୟମ ରହିଛି। କିନ୍ତୁ, ଏ ନିୟମ ଥାଇ ବି ଶସ୍ତାରେ ବିନା ଆଇଏସ୍‌ଆଇ ମାର୍କା ହେଲମେଟ୍ ବ୍ୟାପକ ଭାବେ ବିକ୍ରି ହେବା ଘଟଣା ଚିନ୍ତାର କାରଣ ହୋଇଛି। ଏସବୁ ନକଲି ହେଲମେଟରେ ଆଘାତ ପ୍ରତିରୋଧ ଶକ୍ତି ନଥିବାରୁ ତଳେ ପଡ଼ି ଚାଳକ ମୃତ୍ୟୁ ମୁଖରେ ପଡୁଥିବା ଭଳି ସମ୍ବେଦନଶୀଳ ପ୍ରସଂଗ ଫୋରମ୍ ଫର୍ ପ୍ରିଭେନ୍ସନ ଅଫ୍ ରୋଡ ଆକ୍ସିଡେଣ୍ଟ ସାମନାକୁ ଆଣିଛି। ଏ ସଂକ୍ରାନ୍ତରେ ସଂସ୍ଥା ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ ଅଣଦେଖା କରାଯାଉଥିବା ଅଭିଯୋଗ ହେଉଛି। ବ୍ୟୁରୋ ଅଫ୍ ଇଣ୍ଡିଆନ ଷ୍ଟାଣ୍ଡାର୍ଡର ହେଲମେଟ୍ ଚାଳକ ପିନ୍ଧିବା ବାଧ୍ୟତାମୂଳକ ବୋଲି ୧୯୮୮ ମୋଟର ଯାନ ଆଇନର ଧାରା ୧୯୪ରେ କୁହାଯାଇଛି। ୨୦୨୦ ନଭେମ୍ବର ୨୬ରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରାଳୟ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ କୌଣସି ହେଲମେଟ୍ ବିନା ଆଇଏସଆଇ ମାର୍କରେ ବିକ୍ରି କରାଯାଇପାରିବ ନାହିଁ। କିନ୍ତୁ କେବଳ କଟକ, ଭୁବନେଶ୍ୱର ନୁହେଁ, ରାଜ୍ୟର ପ୍ରାୟ ପ୍ରତ୍ୟେକ ଅଞ୍ଚଳରେ ଏବେ ନକଲି ହେଲମେଟ୍ କାରବାର ବ୍ୟାପକ ହେବାରେ ଲାଗିଛି। ୨୦୨୧ରେ ଫୋରମ୍ ଫର୍ ପ୍ରିଭେନସନ୍ ଅଫ୍ ରୋଡ ଆକ୍ସିଡେଣ୍ଟ ପକ୍ଷରୁ ନକଲି ହେଲମେଟ୍ ବିକ୍ରି ଓ ବ୍ୟବହାର ବିରୋଧରେ ଏକ ଅଭିଯାନ କଟକ ଓ ସମ୍ବଲପୁରରେ ଆରମ୍ଭ ହୋଇଥିଲା। ଏହି ସଂଗଠନ ପକ୍ଷରୁ ପରିବହନ ବିଭାଗ ମୁଖ୍ୟ ସଚିବ, ପରିବହନ କମିସନର, ଡିସିପି କଟକଙ୍କୁ ଭେଟି ଦାବି ଉପସ୍ଥାପନ କରାଯାଇଥିଲା। ସହରରେ ଥାନା ସ୍ତରରେ ଆଇଆଇସିମାନେ ନିଜ ଅଞ୍ଚଳରେ ଯେଭଳି ନକଲି ହେଲମେଟ୍ ବିକ୍ରି ନହେବ ସେଥିପାଇଁ ସୁନିଶ୍ଚିତ କରିବାକୁ

ତତ୍କାଳୀନ ଡିସିପି ପ୍ରତିଶ୍ରୁତି ଦେଇଥିଲେ। ହେଲେ, ବର୍ତ୍ତମାନ ସୁଦ୍ଧା ଏଭଳି ନକଲି ହେଲମେଟ୍ କାରବାର ବିରୋଧରେ ସେଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ। ଅସଲି ହେଲମେଟର ମୂଲ୍ୟ ସାଧାରଣତଃ ୮୦୦ ଟଙ୍କାରୁ ଆରମ୍ଭ ହେଉଛି। କିନ୍ତୁ, ନକଲି ହେଲମେଟ୍ ୩୦୦ରୁ ୪୦୦ ଟଙ୍କା ଭିତରେ ମିଳିଯାଉଛି। ନକଲି ହେଲମେଟ୍ ସାଧାରଣତଃ ଦିଲ୍ଲୀ ଓ କୋଲକାତାରୁ କଟକ ଓ ଭୁବନେଶ୍ୱର ସହରକୁ ଚାଲାଣ ହେଉଛି। ଅସଲି ବ୍ରାଣ୍ଡର ଷ୍ଟିକର ଲଗାଇ ଏହାକୁ ବିକ୍ରି କରାଯାଉଛି। ଅସଲି ହେଲମେଟରେ ଆଇଏସଆଇ ନମ୍ବର ଓ ଲୋଗୋ ଥାଏ। ଏଥିରେ ବାରକୋଡ୍? ଥାଏ। ନକଲି ହେଲମେଟରେ ବି ଏସବୁ ଥାଏ। କିନ୍ତୁ ପ୍ରତ୍ୟେକ ହେଲମେଟରେ ଏକ କୋଡ ଥାଏ, ଏହାକୁ ସ୍କାନ କଲେ ଆଇଏସଆଇ ଷ୍ଟାଣ୍ଡାର୍ଡ କି ନୁହେଁ ତାହା ଜଣାପଡେ। ନହେଲେ ଅସଲି ଓ ନକଲି ଭି

ଅଂଶୁଘାତ କେନ୍ଦ୍ରରେ ତାଲା

ଖୋର୍ଦ୍ଧା, ୨/୬ (ନି.ପ୍ର): ଖୋର୍ଦ୍ଧାର କିଛି ସାମ୍ବାଦିକ, ବରିଷ୍ଠ ନାଗରିକ ମାନେ ଖୋର୍ଦ୍ଧା ଡ଼ାକ୍ତରଖାନା ଜିବା ବେଳେ, ବରିଷ୍ଠ ନାଗରିକ ପାଇଁ ସ୍ୱତନ୍ତ୍ର ଏକ ଲାଇନ୍ ନାହିଁ। ବରିଷ୍ଠ ନାଗରିକ ବସିବା ପାଇଁ ଥଣ୍ଡା ଜାଗା ନାହିଁ। କି ମହିଳା ରୋଗୀ ପାଇଁ ସ୍ୱତନ୍ତ୍ର ଧାଡ଼ି କରାଯାଇ ନାହିଁ। ଖୋର୍ଦ୍ଧା ମୂଖ୍ୟ ଚିକିତ୍ସା ଅଧିକାରୀ ମହିଳା ହେଲେ ମଧ୍ୟ, ମହିଳା ପାଇଁ କିଛି ଆଖି ଦୃଷ୍ଟୀଆ ସୁବିଧା କରିନାହାନ୍ତି। ନିଜେ ଏ ,ଏସି, ସରକାରୀ ଗାଡ଼ିରେ ଭୁବନେଶ୍ୱର ଜିବା ଆସିବା କରନ୍ତି ଓ ଏ,ଏସି , ସୌକିନି ଘରେ ବସି ସମୟ ହେବା ପୂର୍ବରୁ ନିଜ ଭୁବନେଶ୍ୱର ଘରକୁ ପଳାନ୍ତି। ତାଙ୍କର କର୍ତ୍ତବ୍ୟ ହେଉଛି ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ର ଯାଇ ତାର ସୁବିଧା ଅସୁବିଧା ବୁଝିବା।ମାତ୍ର ସେ କୁଆଡେ ଯାଆନ୍ତି ତାହା ଖୋର୍ଦ୍ଧା ଜିଲାପାଳଙ୍କୁ ଜଣାଇବା କଥା। ମାତ୍ର ତାହା କରନ୍ତି ନାହିଁ ।ବୋଲି ଖୋର୍ଦ୍ଧା ଜିଲ୍ଲା ପାଳ ଅଫିସରେ ସେପରି କିଛି ସୂଚନା ନାହିଁ। ସେ ମହାଶୟା ଖୋର୍ଦ୍ଧା କାହିଁକି ରହୁ ନାହାନ୍ତି ତାର ସଠିକ ବିବରଣୀ ଖୋର୍ଦ୍ଧା ପ୍ରଶାସନକୁ ଜଣାଇବା କଥା। ଯେଉଁଠି ଜିଲ୍ଲା ପାଳ, ଉପ ଜିଲ୍ଲାପାଳ, ପୋଲିସ ମୂଖ୍ୟ ଅଧିକାରୀ ରହୁଛନ୍ତି ସେଠୀ ଜରୁରୀ କର୍ମ ଚାରି ମୂଖ୍ୟ ଚିକିତ୍ସା ଅଧିକାରୀ।ଡାକ୍ତଖାନାଗୁଡ଼ିକରେ ଡାକ୍ତର ରହନ୍ତି ନାହିଁ। ଗୋଦରି ଲୋ ତୋ ଗୋଡ଼ କୁ ଅନା। ନିଜେ ସି, ଡି , ଏମ,ଓ ,ସରକାରୀ ନିୟମ ଭାଂଗି ଅନ୍ୟ କୁ କହିବେ କଣ୍? ଏବେ ଗ୍ରୀଷ୍ମ ପ୍ରଭାବ ଓ ଅସହ୍ୟ ଖରା, ଗୁଳି ଗୁଳି ଖୋର୍ଦ୍ଧା ଜିଲ୍ଲାରେ ବେଶି, ପ୍ରାୟ ୪୪ ଡିଗ୍ରୀ ଉପରେ। ଏହି ସମୟ ଅଂଶୁଘାତ ରୋଗୀ ଦୀନକୁ ଶହ ଶହ ଖୋର୍ଦ୍ଧା ଡାକ୍ତର ଖନା ଆସନ୍ତି ମାତ୍ର ତାଙ୍କ ପାଇଁ ସ୍ୱତନ୍ତ୍ର ୱାର୍ଡ ନାହିଁ। ପୂର୍ବରୁ ଏହି ମୂଖ୍ୟ ଡାକ୍ତର ଖାନା ଅଂଶୁଘାତ କେନ୍ଦ୍ର ଥିଲା ଏବେ ଏଥିରେ ତାଲା ଝୁଲୁଛି। କାହିଁକି ତାଲା ଝୁଲୁଛି ସାଧାରଣ ଲୋକ, ରୋଗୀ, ସାମ୍ବାଦିକ, ଓକିଲ, ବୁଦ୍ଧିଜୀବୀ, ଓ ବରିଷ୍ଠ ନାଗରିକ ଖୋର୍ଦ୍ଧା, ପଚାରିଲେ କେହି କର୍ମଚାରୀ ଉତ୍ତର ଦେଉନାହାନ୍ତି। କିଛି ଡାକ୍ତର ଓ କର୍ମଚାରି କହନ୍ତି ଘର ମୂରବୀ ଠିକ ଥିଲେ, କି ,ଖୋର୍ଦ୍ଧାରେ ରହି ଦିନ ଓ ରାତିରେ ମୂଖ୍ୟ ଡାକ୍ତର ଖାନା ଦେଖିବା କଥା। ମାତ୍ର ମୂରବୀ ଶୂନ୍ୟ ରାତ୍ରରେ । ଅଧିକାରୀ ମାନେ ରାଜଧାନୀରେ ସରକାରୀ ଗାଡ଼ି ଓ ତେଲ ପକାଇ ନିଜ ନିଜ ଘରେ ପରିବାର ଶହ ଏସି ରୁମ୍ରେ ଶୁଅନ୍ତି ଶୁଣିବାକୁ ମିଳେ।କିଛି ଜରୁରୀ କାମ ପଡିଲେ ଫୋନ କଲେ ଫୋନ ଉଠାନ୍ତି ନାହିଁ। ସରକାର ମାଗଣା ଫୋନ୍ ଦେଇ ଛନ୍ତି ଚିକିତ୍ସା ବେବସ୍ତା ବୁଝିବା ପାଇଁ ମାତ୍ର ତାଂକର ରାତ୍ରରେ ଫୋନ୍ ବନ୍ଦ। ଖୋର୍ଦ୍ଧା ଆସିବା ପୂର୍ବରୁ ଜାଣିବା କଥା ଏହି ଜିଲ୍ଲା ଏକ ନମ୍ବର ଜିଲ୍ଲା ।ଏହାର ଅଧିକାରୀ ଏକ ନମ୍ବର ହେବା କଥା ।ମାତ୍ର ଜେ ତୃତୀୟ ମହଲା ଧରିଲା ସେ ଆସିଲା। ରାଜଧାନୀରେ ରହିଲେ ସବୁ ସୁବିଧା ହେବ। ଖୋର୍ଦ୍ଧା ବଜାର ଏହି ଅଧିକାରୀ ଓ ଅଧିକାରିଣୀ କିଛି ଉପଭୋଗ କରି ପାରିବେ ନାହିଁ। ଖୋର୍ଦ୍ଧା ଜିଲ୍ଲାପାଳ ଦକ୍ଷ ଯୁବ ଆଇ, ଏ, ଏସ, ଚଞ୍ଚଳ ରାଣା ,କାହିଁକି ଅଂଶୁଘାତ କେନ୍ଦ୍ର ବନ୍ଦ ଅଛି ଦେଖିବା କୁ ଅନୁରୋଧ। ଅନ୍ୟ ପୂର୍ବ ଦୁଇ ଜିଲ୍ଲାପାଳ ସଂଗ୍ରାମ କୁମାର ମହାପାତ୍ର ଓ କେ, ସୁଦର୍ଶନ ଚକ୍ରବର୍ତ୍ତୀ ଆଗେ ମୂଖ୍ୟ ଡ଼ାକ୍ତର ଖାନା ଖୋର୍ଦ୍ଧା ପ୍ରାୟ ସପ୍ତାହରେ ୩/୪ ଦିନ ଦେଖନ୍ତି ବିଶେଷ ରାତିରେ ଜାଇ ଦେଖୁଥିଲେ । ଖୋର୍ଦ୍ଧା ଜନ ସାଧାରଣ ଓ ବରିଷ୍ଠ ନାଗରିକ ଅନୁରୋଧ ଖୋର୍ଦ୍ଧା ଜିଲ୍ଲାପାଳ ଏହାର ତନଖି କରିବେ। ଅଂଶୁଘାତ ପାଇଁ କଣ୍ ସୁବିଧା କରା ଯାଇଛି ଓ କେନ୍ଦ୍ର ଟି, କାହିଁକି ଚାବି ପଡିଛି ବୁଝିବା ପାଇଁ ଖୋର୍ଦ୍ଧା ଲୋକେ ଜିଲ୍ଲାପାଳ ଖୋର୍ଦ୍ଧା ଆପତ୍ତି କରୁଛନ୍ତି।

ବାଲିଗୁଡ଼ା କଲେଜ ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ: ଦୁଇଟି ସ୍ଥାନରେ ହେବ ଭୋଟ୍ ଗଣତି

କନ୍ଧମାଳ, ୨/୬ (ନି.ପ୍ର): ସମଗ୍ର ଓଡ଼ିଶାରେ ଆସନ୍ତା ୪ ତାରିଖରେ ଭୋଟ୍ ଗଣତି ହେବ। ଏହି ପରିପ୍ରେକ୍ଷୀରେ କନ୍ଧମାଳ ଜିଲା ବାଲିଗୁଡ଼ା ଉପଖଣ୍ଡ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଂଚିଛି। ଆସନ୍ତା ୪ ତାରିଖରେ ବାଲିଗୁଡ଼ା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଏବଂ କଲେଜରେ ହେବ ଭୋଟ ଗଣତି। ଏଥିପାଇଁ ଏଜେଂଟଙ୍କ ସମ୍ପର୍କରେ ତଥ୍ୟ ଓ କାଗଜପତ୍ର ପ୍ରାର୍ଥୀମାନଙ୍କୁ ମଗାଯାଇଛି। ଗଣତି ଦାୟିତ୍ୱରେ ରହିଥିବା ଅଧିକାରୀମାନଙ୍କୁ ସମ୍ପୂର୍ଣ୍ଣ ତାଲିମ ପ୍ରଦାନ କାର୍ଯ୍ୟ ସମାପ୍ତ ହୋଇଛି। ଭୋଟ ଗଣତି କେନ୍ଦ୍ର ମଧ୍ୟକୁ ଯିବାକୁ ଥିବା ପାସ୍ ଧାରୀ ବ୍ୟକ୍ତି ବିଶେଷଙ୍କୁ କଡ଼ାକଡ଼ି ଯାଂଚ୍ କରି ଭିତରକୁ ପ୍ରବେଶ କରାଯିବ। ବାଲିଗୁଡ଼ାର ୨ଟି ସ୍ଥାନରେ ଭୋଟ୍ ଗଣତି କରାଯିବ ବୋଲି ଉପଖଣ୍ଡ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। କନ୍ଧମାଳ ଲୋକ ସଭା କ୍ଷେତ୍ରର ବାଲିଗୁଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଏବଂ ଜି. ଉଦୟଗିରି ବିଧାନସଭା ନିର୍ବାଚନ ମଣ୍ଡଳୀର ସ୍ଥାନୀୟ ଆଦିବାସୀ ମହାବିଦ୍ୟାଳୟ ପରିସରରେ ୪ ତାରିଖ ସକାଳ ୮ ଟାରୁ ଭୋଟ୍ ଗଣତି ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି। ଭୋଟ୍ ଗଣତି ସମୟରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

ପ୍ରକାଶ ଯେ, ସମଗ୍ର କନ୍ଧମାଳ ଜିଲାରେ ଦ୍ୱିତୀୟ ପର୍ଯ୍ୟାୟ ଅର୍ଥାତ ୨୦ ତାରିଖରେ ମତଦାନ ହୋଇଥିଲା। ମତଦାନ ପରେ ଇଭିଏମ୍ ଗୁଡିକ ଷ୍ଟ୍ରଙ୍ଗ୍ରୁମ୍ ରେ ତ୍ରିସ୍ତରୀୟ ସୁରକ୍ଷା ବଳୟ ମଧ୍ୟରେ ରଖାଯାଇଛି। ଷ୍ଟ୍ରଙ୍ଗରୁମ୍ ମଧ୍ୟରେ ସିସି ଟିଭି କ୍ୟାମେରା ବ୍ୟବସ୍ଥା ହୋଇଛି।

କର୍ମଚାରୀଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି

ପୁରୀ, ୨/୬ (ନି.ପ୍ର): ପୁରୀ ଜିଲ୍ଲା ପରିଷଦରେ କାର୍ଯ୍ୟରତ ସେକ୍ସନ ଅଫିସର ଲୋକନାଥ ମହାନ୍ତିଙ୍କ ଅକାଳ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ସ୍ମୃତି ଚାରଣ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଶାସନ ରାଜୀବ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ।ସ୍ୱର୍ଗତ ମହାନ୍ତି ରାଜସ୍ୱ ବିଭାଗର କର୍ମଚାରୀ ଥିବା ବେଳେ ଡେପୁଟେସନରେ ଜିଲ୍ଲା ପରିଷଦର ସେକ୍ସନ ଅଫିସର ଭାବେ କାର୍ଯ୍ୟ କରୁଥିଲେ। ସେ ଜଣେ ମିଷ୍ଟଭାଷୀ ଓ ସମସ୍ତଙ୍କ ସହ ମିଶି କାର୍ଯ୍ୟ କରୁଥିବା କର୍ମଚାରୀ ଥିଲେ। ତାଙ୍କର ବିୟୋଗ ଆମ ପାଇଁ ଓ ତାଙ୍କ ପରିବାର ପାଇଁ ବିରାଟ କ୍ଷତି ବୋଲି ସେ କହିବା ସହ ତାଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପରେ ସମସ୍ତ ଅଧିକାରୀ ଓ କର୍ମଚାରୀ ସ୍ୱର୍ଗତ ମହାନ୍ତିଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ତାଙ୍କ ଶୋକ ସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଥିଲେ।

ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ବୈଷୟିକ ବିମଳ ଚନ୍ଦ୍ର ତିରିଆ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଅର୍ଥ ବାଣୀଭୂଷଣ ଦାଶ,ସନ୍ତୋଷ କୁମାର ବରାଳ ଓ ଅନ୍ୟାନ୍ୟ କର୍ମଚାରୀ ମାନେ ଯୋଗ ଦେଇଥିଲେ।

କବିତା ପୁସ୍ତକ 'ଶୋଭନ' ଓ 'ଶୋଭେଶ' ଉନ୍ମୋଚିତ

ବାରିପଦା, ୨/୬ (ନି.ପ୍ର): ବରିଷ୍ଠ କବି ହରନାରାୟଣ ମିଶ୍ରଙ୍କ ଲିଖିତ କବିତା ପୁସ୍ତକ ଦ୍ୱୟ 'ଶୋଭନ' ଓ 'ଶୋଭେଶ' ଉନ୍ମୋଚିତ ହୋଇଯାଇଛି। ଚିତ୍ତରଞ୍ଜନ ପତି ଫାଉଣ୍ଡେସନ ର ଆବାହକ ଡ ମନତୋଷ କୁମାର ପତି , ବାରିପଦା ଗୋପବନ୍ଧୁ ସାହିତ୍ୟ ସଂସଦର ସମ୍ପାଦକ କବି ଅମିତାଭ ମିଶ୍ର , ବରିଷ୍ଠ ଶିକ୍ଷକ ରାମଚନ୍ଦ୍ର ଶର୍ମା ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୁସ୍ତକ ଦ୍ୱୟ ଉନ୍ମୋଚନ କରିବା ସହ କବିଙ୍କର ମହନୀୟ ଉଦ୍ୟମର ପ୍ରଶଂସା କରିଥିଲେ । କିଶୋର ସାହିତ୍ୟ ଭିତ୍ତିକ ଏହି କବିତା ପୁସ୍ତକ ଦ୍ୱୟରେ ବହୁ ଶିକ୍ଷଣୀୟ କବିତା ସ୍ଥାନିତ । ଅଦ୍ୟାବଧି କବିଙ୍କ ଲିଖିତ ୪୮ ଟି ପୁସ୍ତକ ପ୍ରକାଶିତ । ଅନ୍ୟାନ୍ୟ ପୁସ୍ତକ ଭଳି ଉନ୍ମୋଚିତ ପୁସ୍ତକଦ୍ୱୟ ନିଶ୍ଚିତ ଭାବେ ପାଠକୀୟ ସ୍ୱୀକୃତି ଲାଭ କରିବ ବୋଲି କବି ଆଶାବ୍ୟକ୍ତ କରିଛନ୍ତି ।

ଭୋଟ୍ ଗଣତି ପାଇଁ ପ୍ରଶାସନର ପ୍ରସ୍ତୁତି

ଜୟପୁର, ୨/୬ (ନି.ପ୍ର): ଜୟପୁର ପୌର ସଭାଗୃହରେ ଆଜି ପ୍ରଶାସନ ତରଫରୁ ଏକ ସାମ୍ବାଦିକ ସମ୍ମିଳନି ଆୟୋଜନ କରାଯାଇଥିଲା । ଆସନ୍ତା ୪ ତାରିଖରେ କଡା ସରୁକ୍ଷା ବଳୟ ମଧ୍ୟରେ ଭୋଟ ଗଣତି ହେବ ବୋଲି ଏଆରଓ ତଥା ଜୟପୁର ଉପ ଜିଲାପାଳ ପ୍ରଭାତ କୁମାର ପରିଡା ସୂଚନା ଦେଇଛନ୍ତି । ଜୟପୁର ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ପରିସରରେ ଭୋଟ ଗଣତି ହେବ । କୋଟପାଡ ଓ ଜୟପୁର ବିଧାନସଭା ନିର୍ବାଚନ ମଣ୍ଡଳି ସହ କୋରାପୁଟ ଓ ନବରଙ୍ଗପୁର ସାଂସଦୀୟ କ୍ଷେତ୍ରର ଭୋଟ ଗଣତି ହେବ । ଜୟପୁର ଦଶହରା ପଡିଆ ଦେଇ ସମସ୍ତେ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟକୁ ପ୍ରବେଶ କରିବେ । ଦଶହରା ପଡିଆ ଠାରେ ଭୋଟ ଗଣତିର ତଥ୍ୟ ଜାଣିବା ପାଇଁ ୧ ହଜାର ଲୋକଙ୍କ ପାଇଁ ଟେଂଟ ର ବ୍ୟବସ୍ଥା, ଏଲଇଡି ଟିଭି ଲାଗିବା ସହ ପାନୀୟ ଜଳର ବ୍ୟବସ୍ଥା ଆଦି କରାଯାଇଛି । କାଉଂଟିଙ୍ଗ ହଲ୍ ନିକଟରେ ମିଡିଆ ସେଲ କରାଯାଇଛି । ଜୟପୁର ନିର୍ବାଚନ ମଣ୍ଡଳିର ୨୩୮ଟି ବୁଥ ପାଇ ୧୦ଟି ଟେବୁଲ କରାଯାଇଛି । ୨୪ ରାଉଣ୍ଡ ଗଣତି କରାଯିବ । ସେହିପରି କୋଟପାଡ ନିର୍ବାଚନ ମଣ୍ଡଳି ପାଇଁ ୨୪୩ଟି ବୁଥ ପାଇଁ ୧୦ଟି ଟେବୁଲ କରାଯାଇଛି । ୨୫ ରାଉଣ୍ଡ ଗଣତି କରାଯିବ । ପୋଷ୍ଟାଲ ବେଲେଟ ପାଇଁ ୫ଟି ଟେବୁଲ କରାଯାଇଛି । ପ୍ରଶାସନ ତରଫରୁ ଟ୍ରାଫିକ ଓ ଗହଳି ନିୟନ୍ତ୍ରଣ ପାଇଁ ନବରଙ୍ଗପୁର, ବୋରିଗୁମ୍ମା ଓ କୋଟପାଡ ପଟୁ ଆସୁଥିବା ସମସ୍ତ ଗାଡି କେନାଲର ରୋଡ ଦେଇ ଗାନ୍ଧୀଛକରେ ବାହାରିବ । କୋରାପୁଟ ପଟୁ ଆସୁଥିବା ସମସ୍ତ ଗାଡି ଗାନ୍ଧୀ ଛକ ବାଇପାସ କେନାଲ ରୋଡ ଦେଇ ବାହାରିବ । ମୁଖ୍ୟ ଟ୍ରାଫିକ ଛକ ଠାରୁ ଖ୍ରୀଷ୍ଟିଆନପେଟା ଛକ ଯାଏ ଗାଡି ଚଳାଚଳକୁ ବନ୍ଦ କରାଯାଇ ଚଲାପଥ କରାଯାଇଛି । ସକାଳ ୮ଟାରୁ ଭୋଟ ଗଣତି ଆରମ୍ଭ ହେବ । ପ୍ରଥମେ ବେଲାଟ ପେପର ଗଣତି କରାଯିବ ଓ ପରେ ଇଭିଏମ ଗଣତି ହେବ । ଗ୍ରୀଷ୍ମ ପ୍ରବାହକୁ ଦେଖି ଷ୍ଟ୍ରଙ୍ଗରୁମ ନିକଟରେ ଆମ୍ବୁଲାନ୍ସ ସହ ପ୍ରାଥମିକ ଚିକିତ୍ସାର ବ୍ୟବସ୍ଥା କରାଯାଇଛି । ଗଣତି ହଲକୁ କେବଳ କାଉଂଟିଙ୍ଗ ସୁପରଭାଇଜର, ଆସିଷ୍ଟାଣ୍ଟ କାଉଂଟିଙ୍ଗ ସୁପରଭାଇଜର ଓ ମାଇକ୍ରୋ ଅବଜରବର ଓ ପ୍ରାର୍ଥୀଙ୍କ ଏଜେଂଟ ମାନେ ପ୍ରବେଶ କରିପାରିବେ ।

ଏହି ସମ୍ବାଦିକ ସମ୍ମିଳନିରେ ପୌର ନିର୍ବାହି ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ, ବିଡିଓ ଶକ୍ତି ମହାପାତ୍ର, ତହସିଲଦାର ମୋନାଲିସା ଆଚାର୍ଯ୍ୟ, ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି, ଟାଉନ ଥାନା ଅଧିକାରି ରମଣି ରଞ୍ଜନ ଦଳେଇ, ଏସଡିପିଆରଓ ଯଶୋଦା ଗାଦବାଙ୍କ ସହ ବିଭିନ୍ନ ରାଜନୈତିକ ଦଳର ସଦସ୍ୟ ମାନେ ଉପସ୍ଥିତ ଥିଲେ ।

ଅଧ୍ୟାପକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ମାଲକାନଗିରି, ୨/୬ (ନି.ପ୍ର): ସରକାରୀ ପଲିଟେକ୍ନିକ୍, ମାଲକାନଗିରି ଅନୁଷ୍ଠାନର ଯାନ୍ତ୍ରିକ ଅଧ୍ୟାପକ ଶିବେନ୍ଦ୍ରନାଥ ଘୋଷ ଗତ ଶୁକ୍ରବାର ଦିନ ସରକାରୀ ଚାକିରୀରୁ ଅବସର ଗ୍ରହଣ କରିଥିଲେ । ଶ୍ରୀ ଘୋଷ ୨ ୦୧ ୮ ମସିହାରେ ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନ, ବ୍ରହ୍ମପୁର ରୁ ତାଲିମ ଅଧିକାରୀ ପଦବୀରୁ ପଦନ୍ନୋତି ପାଇଁ ସରକାରୀ ପଲିଟେକ୍ନିକ୍, ମାଲକାନଗିରି ରେ ଆଧ୍ୟାପକ ଭାବେ ଯୋଗ ଦେଇଥିଲେ। ସେ ଜଣେ ପଶୁପକ୍ଷୀ-ବୃକ୍ଷଲତା ପ୍ରେମୀ, ଶାନ୍ତ ଏବଂ ଦୟାଳୁ ସ୍ୱଭାବର ଲୋକ ଥିଲେ। ତାଙ୍କର ସ୍ୱାଥ୍ୟଗତ ସମସ୍ୟା କାରଣରୁ ସେ ୨ ୦୨ ୦ ମସିହାରେ ସରକାରୀ ପଲିଟେକ୍ନିକ୍,ବାଲେଶ୍ୱରକୁ ନିୟୋଜିତ ହୋଇଥିଲେ । ଶ୍ରୀ ଘୋଷଙ୍କ ଅବସର ପରିପ୍ରେକ୍ଷୀରେ ଅନୁଷ୍ଠାନରେ ଏକ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଆଜି ଆୟୋଜିତ କରାଯାଇଥିଲା। ଏହି ସଭାକୁ ଅନୁଷ୍ଠାନର ଅଧ୍ୟକ୍ଷ ଜ୍ଞାନରଞ୍ଜନ ଦାସ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ମାଲକାନଗିରି କଳା ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ମୁଖ୍ୟ ଡ. ରଞ୍ଜନ କୁମାର ସ୍ୱାଇଁ ଯୋଗଦେଇ ଶ୍ରୀ ଘୋଷଙ୍କୁ ସମ୍ବର୍ଦ୍ଧିତ କରିବା ସହ ତାଙ୍କର ଉତମ ସ୍ୱାସ୍ଥ୍ୟ ଏବଂ ଦୀର୍ଘାୟୁ କାମନା କରିଥିଲେ!ଏହି ସଭାରେ ସମସ୍ତେ ନିଜ ନିଜର ଅନୁଭୂତି ବର୍ଣ୍ଣନା କରିବା ସହିତ ତାଙ୍କର ଅବସର ପରବର୍ତ୍ତୀ ଜୀବନର ଉତ୍ମ ସ୍ୱାସ୍ଥ୍ୟକାମନା କରିଥିଲେ ।ବିଭାଗୀୟ ଅଧିକାରୀ ମାନସ ରଞ୍ଜନ ରାଉତ ଏବଂ ଅନୁଷ୍ଠାନର ସମସ୍ତ ଅଧ୍ୟାପକ ଯଥା ପ୍ରୀତିରଞ୍ଜନ ପ୍ରିୟଦର୍ଶୀ ପାତ୍ର, ଅମିତ କୁମାର ତିର୍କି, ବିପିନ ବିହାରୀ ମହାନ୍ତି, ଆଶିଷ ଶର୍ମା, ଅବକାଶ ପ୍ରଧାନୀ, ସୌରଭ ରଞ୍ଜନ ପ୍ରଧାନ, ପାର୍ଥ ସାରଥୀ ମଲ୍ଲିକ, ଜେ.ବିନୋଦ କୁମାର, ରାଜୀବ ରତନ ପଟେଲ, ଲକ୍ଷ୍ମଣ ମାଝୀ ଏବଂ ପଲ୍ଲବୀ ମହାନ୍ତ ଯୋଗ ଦେଇଥିଲେ। ଅଧ୍ୟାପକ ଶ୍ରୀ ଅବକାଶ ପ୍ରଧାନୀ ଏହି ବିଦାୟକାଳୀନ ସଭାର ଆୟୋଜନ କରଥିଲେ।

ମୃତ୍ୟୁବରଣ କରିଥିବା ଶ୍ରମିକ ପରିବାରକୁ ଚାକିରୀ ଦେବାକୁ ମନାକଲା ଆରଏସପି, ପ୍ରତିବାଦରେ ଧାରଣା

ରାଉରକେଲା, ୨/୬ (ନି.ପ୍ର): ରାଉରକେଲା ଇସ୍ପାତ କାରଖାନାରେ ବରିଷ୍ଠ ଶ୍ରମିକ ଭାବେ କାମ କରିଥିବା ବୁଦିଆ କିଷାନ (୪୯) ରାସ୍ତାରେ ପଡିଯାଇ ମାତ୍ର ଦୁଇଘଂଟା ଭିତରେ ଡାକ୍ତରଖାନାରେ ମୃତ୍ୟୁବରଣ କଲା ପରେ ତାର ପରିବାର ସଦସ୍ୟକୁ ଚାକିରୀ ଦେବାକୁ ଆରଏସପି ମନା କଲା ପରେ ତାର ପରିବାର, ସମର୍ଥକ ଓ ସାଂସଦ ପ୍ରାର୍ଥୀ ଜୁଏଲ ଓରାମ ଆରଏସପିର ଡାକ୍ତରଖାନା ଆଇଜିଏଚ ସମ୍ମୁଖରେ ଧାରଣାରେ ବସି ରହିଛନ୍ତି । ମୃତ ବୁଦିଆଙ୍କର ଦୁଇଟି ପିଲା।

ତାଙ୍କ ଝିଅ କହିବା ଅନୁଶାରେ, ବାପା ବୁଦିଆ ୪ ଦିନ ତଳେ ସକାଳ ୮ଟାରେ ଘରୁ ବାହାରି ବଜାର ଯାଏ ଜିବା କ୍ଷଣି ରାସ୍ତାରେ ପଡିଯାଇଥିଲେ, ପରେ ତାଙ୍କୁ କିଛି ଲୋକ ତୁରନ୍ତ ପାଖ ଆଇଜିଏଚକୁ ନେଇଥିଲେ, ସେ ସୁଗାର ଓ ପ୍ରେସର ବେମାରରେ ଆକ୍ରାନ୍ତ ଥିଲେ, ପ୍ରବଳ ଖରାରେ ଡ୍ୟୁଟିକୁ ଯାଉଥିବା ବେଳେ ଏଭଳି ହେବା ପରେ ଡାକ୍ତରଖାନାରେ ମାତ୍ର ୨ଘଂଟାରେ ତାଙ୍କ ପ୍ରାଣବାୟୁ ଉଡିଯାଇଥିଲା। ତାଙ୍କର ହାର୍ଟ ଆଟାକ ହୋଥିବା ନେଇ ରିପୋର୍ଟ ମଧ୍ୟ ବହାରିଛି। ତେବେ ତାଙ୍କର ଏଭଳି ମୃତ୍ୟୁ ପରେ ତାଙ୍କ ପରିବାରରୁ ଜଣକୁ ଚାକିରୀ ଦାବି ଉଠିବା ପରେ ଆରଏସପି ସିଧା ମନା କରିଦେଇଥିଲା ।ନିୟମ ଅନୁଶାରେ ଡ୍ୟୁଟିର ଘଂଟାକ ଆଗରୁ କିମ୍ବା ପରେ ଯଦି ଶ୍ରମିକର ମୃତ୍ୟୁ ହୁଏ ତେବେ ତା ପରିବାରର ଜଣକୁ ଚାକିରୀ ମିଳିବା କଥା। ଏ କ୍ଷେତ୍ରରେ ଆରଏସପି ନିୟମ ଉଲଂଘନ କରିବାରୁ ଆନ୍ଦୋଳନ ଯୋର ଧରିଛି। ତେବେ କିଛି ବରିଷ୍ଠ ଅଧିକାରୀ ଏନେଇ ବଇଠକରେ ଥିବା ବେଳେ ସେଥିରେ ଜୁଏଲ ଓରାମଙ୍କ ହସ୍ତକ୍ଷେପ ମାମଲାକୁ ଅଧିକ ଯୋର ଦେଇଛି ।

ବୁଦିଆ କୁଡ଼ା ଅଂଚଳର ବାସିନ୍ଦା, ତାର ବୟସ ୫୦ ମଧ୍ୟ ହୋଇନଥିଲା। ଛୋଟିଆ ପରିବାର ସହ ଛୋଟ ପିଲା ଦୁଇଟି, ଏଭଳି ସ୍ଥିତିରେ ତାର ପରିବାର କଣ କରିବ ସେନେଇ ଚିନ୍ତାରେ ରହିଛି । ତେବେ ଚାକିରୀ ନମିଳିବା ଯାଏ ବୁଦିଆର ମର ଶରୀର ନିଆଜିବ ନାହିଁ କିମ୍ବା ଆନ୍ଦୋଳନ ବନ୍ଦ ହେବ ନାହିଁ ବୋଲି ଜୁଏଲ ଓରାମ କହିଛନ୍ତି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

ପୁରୀ ବାଣ ବିସ୍ଫୋରଣ...

ସେମାନେ ଗୁରୁତର ଅଛନ୍ତି। ସେମାନଙ୍କୁ ଚିହ୍ନି ହେଉନଥିବାରୁ, ପରିଚୟ ଜାଣିବାକୁ ଡିଏନଏ ସାମ୍ପଲ ଟେଷ୍ଟ ପାଇଁ ପଠାଯାଇଥିବା ସୂଚନା ମିଳିଛି। ଗତ ୨୯ ତାରିଖରେ ନରେନ୍ଦ୍ର ପୁଷ୍କରିଣୀରେ ଚନ୍ଦନ ଯାତ୍ରା ବେଳେ ଘଟିଥିବା ଏହି ଭୟଙ୍କର ବାଣ ବିସ୍ଫୋରଣ ଘଟିଥିଲା। ସେପଟେ ଆସନ୍ତା ୫ ତାରିଖରେ ପୁରୀର ସ୍ପେଶାଲ ସର୍କିଟ୍ ହାଉସରେ ଏହାର ତଦନ୍ତ କରିବେ ଝଜଉ। ଜୁନ୍ ୫ ଅପରାହ୍ନ ୩ଟାରୁ ସନ୍ଧ୍ୟା ୭ଟା ଯାଏଁ ଏହି ତଦନ୍ତ ଚାଲିବ ବୋଲି ପୁରୀ ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି ଅତିରିକ୍ତ ସ୍ୱତନ୍ତ୍ର ରିଲିଫ କମିଶନର। ଏହି ସମୟରେ ଜିଲ୍ଲାପାଳ, ଶ୍ରୀମନ୍ଦି

ସୋମବାର, ଜୁନ୍ ୩, ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ସମ୍ବଲପୁରରେ ଅଂଶୁଘାତ ଯୋଗୁ ୫ ଜଣଙ୍କ ମୃତ୍ୟୁ, ଆଉ ୧୧ ରିପୋର୍ଟକୁ ଅପେକ୍ଷା

ଭୁବନେଶ୍ୱର, ୨/୬ (ନି.ପ୍ର): ୧୮ଟି ମୃତ୍ୟୁ ଘଟଣା ମଧ୍ୟରୁ ୭ ଜଣଙ୍କ ବ୍ୟବଚ୍ଛେଦ ରିପୋର୍ଟ ଆସିଛି। ରିପୋର୍ଟ ଆସିଥିବା ୭ ଜଣଙ୍କ ମଧ୍ୟରୁ ୫ ଜଣଙ୍କ ମୃତ୍ୟୁ ଅଂଶୁଘାତ ଜନିତ ବୋଲି ସମ୍ବଲପୁର ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ସ୍ପଷ୍ଟ କରିଛନ୍ତି। ସମ୍ବଲପୁର ଜିଲ୍ଲାରେ ୫ ଜଣଙ୍କର ଅଂଶୁଘାତରେ ପ୍ରାଣ ହରାଇଛନ୍ତି। ଶନିବାର ସୁଦ୍ଧା ଜିଲ୍ଲାରେ ୧୮ଟି ଅସ୍ୱାଭାବିକ ମୃତ୍ୟୁ ଘଟଣା ଘଟିଥିଲା। ପ୍ରବଳ ଖରାରେ ହେଉଥିବା ବେଳେ ଏମାନଙ୍କ ମୃତ୍ୟୁ ହିଟଷ୍ଟ୍ରୋକରେ ହୋଇଥିବା ସନ୍ଦେହ କରାଯାଉଥିଲା। କିନ୍ତୁ ୧୮ଟି ମୃତ୍ୟୁ ଘଟଣା ମଧ୍ୟରୁ ୭ ଜଣଙ୍କ ବ୍ୟବଚ୍ଛେଦ ରିପୋର୍ଟ ଆସିଛି। ରିପୋର୍ଟ ଆସିଥିବା ୭ ଜଣଙ୍କ ମଧ୍ୟରୁ ୫ ଜଣଙ୍କ ମୃତ୍ୟୁ ଅଂଶୁଘାତ ଜନିତ ବୋଲି ସମ୍ବଲପୁର ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ସ୍ପଷ୍ଟ କରିଛନ୍ତି। ଏଥିସହ ଅବଶିଷ୍ଟ ୧୧ଟି ମୃତ୍ୟୁ ଘଟଣାର ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଥିବେ ସେ କହିଛନ୍ତି। ତାଙ୍କ କହିବା କଥା ଯେ ମେ' ମାସ ୨୯ରୁ ଜୁନ ୧ ତାରିଖ ଭିତରେ ୧୮ ଜଣଙ୍କର ଅସ୍ୱାଭାବିକ ମୃତ୍ୟୁ ଘଟିଥିଲା। ସମସ୍ତେ ହିଟଷ୍ଟ୍ରୋକରେ ପ୍ରାର ହରାଇଥିବା ଅଭିଯୋଗ ହୋଇଥିଲା। ତେବେ ପ୍ରଶାସନ ପକ୍ଷରୁ ଏହାର ଯାଞ୍ଚ କରାଯାଇଥିଲା। ଯାଞ୍ଚ ବେଳେ ବର୍ତ୍ତମାନ ସୁଦ୍ଧା କେବଳ ୫ ଜଣଙ୍କ ମୃତ୍ୟୁ ହିଟଷ୍ଟ୍ରୋକରେ ହୋଇଥିବା ସ୍ପଷ୍ଟ ହୋଇଛି। ବାକି ଦୁଇ ଜଣଙ୍କ ମୃତ୍ୟୁ ଅନ୍ୟ କାରଣରୁ ହୋଇଛି। ଅଂଶୁଘାତ ସହ ଏହାର କୌଣସି ଲିଙ୍କ ନାହିଁ। ଆଜି ସଂଧ୍ୟା ସୁଦ୍ଧା ବଳକା ୧୧ ଜଣଙ୍କ ଶବବ୍ୟବଚ୍ଛେଦ ରିପୋର୍ଟ ଆସିଯିବ। ରିପୋର୍ଟ ଆସିବା ପରେ ଏମାନଙ୍କର ମୃତ୍ୟୁ ହିଟଷ୍ଟ୍ରୋକରେ ହୋଇଛି କି ନାହିଁ, ସେକଥା ସ୍ପଷ୍ଟ ହେବ ବୋଲି ଜିଲ୍ଲାପାଳ କହିଛନ୍ତି।

ବେକରେ ରସି ଲଗାଇ ଯୁବକ ପୋଲ ତଳକୁ ଡେଇଁ କଲେ ଆତ୍ମହତ୍ୟା

ବସ୍ତା, ୨/୬ (ନି.ପ୍ର): ବସ୍ତା ଥାନା ଅଧିନସ୍ଥ ମୁକୁଳିସ ପଞ୍ଚାୟତ ମୁକୁଳିସ ଗ୍ରାମର ଚତୁର୍ଭୁଜ ମହାପାତ୍ରଙ୍କ ପୁତ୍ର କିରଣ ମହାପାତ୍ର (୨୪)ଆଜି ଗାନ୍ଧିଛକରୁ ଜାମଶୂଳି ଯିବାରାସ୍ତା ପେଜଗଳା ପୋଲ ନିକଟରେ ରବିବାର ସଂଧ୍ୟା ପ୍ରାୟ ୬ଟା୨୦ମିନିଟ ସମୟରେ ବାଇକରୁ ଉହ୍ଲାଇ ପଲସର ଗାଡି ନଂ ଓଡଓ ୦୧୩୭୯ ପୋଲ ଉପରେ ରଖି ବାଡାରେ ଦୌଡି ବାନ୍ଧି ପୋଲ ତଳକୁ ଡେଇପଡିଥିଲା । ଫଳରେ ପୋଲ ତଳେ ଝୁଲି ହୋଇ ରହିଥିଲା ।ପାଖରେଥିବା ଲୋକେ ଦୌଡିଯାଇ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ

।ହେଲେତାଙ୍କ ମୃତ୍ୟୁ ଘଟିଥିଲା । ଖବରପାଇ ପୁଲିସ ପହଞ୍ଚି ଥିଲେ ।ତେବେ ଖବର ଲେଖା ହେବା ପର୍ଯ୍ୟନ୍ତ ମୃତ୍ୟୁର କାରଣ ଜଣାପଡି ନାହିଁ । ତଦନ୍ତ ପରେ ପ୍ରକୃତ ଘଟଣା ଜଣାପଡିବ ବୋଲି ପୁଲିସ ସୂତ୍ରରୁ ପ୍ରକାଶ ।

ବିଦ୍ୟୁତ ସଂସ୍ପର୍ଶରେ ଆସି ଚାଷୀର ମତ୍ୟୁ

ବସ୍ତା, ୨/୬ (ନି.ପ୍ର): ସଦରବ୍ଲକ ଅଧିନସ୍ଥ କଷାଫଳ ପଞ୍ଚାୟତ ଧୁବୁଲାଗଡି ଗ୍ରାମର ଚାଷୀ ଶ୍ରୀକାନ୍ତ ଦାସ (୬୫), ନିଜ ପାରିବା ବାଡ଼ିରେ ସକାଳା ୬ଟା ସମୟରେ ପାଣି ଦେବା ସମୟରେ ହଠାତ ବିଦ୍ୟୁତ୍ ତାର ରେ ସଂସ୍ପର୍ଶରେ ଆସିଥିଲେ। ପରିବାର ଲୋକେ ଯାଣି ତାଙ୍କୁ ରୂପସା ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଆସିଥିଲେ । ହେଲେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଥିଲା । ଖବର ପାଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଜାରି ରଖିଛନ୍ତି ।

ଶ୍ୱେତାଲିସା ଶୁଭଦର୍ଶିନୀଙ୍କ ୩ଟି ଭକ୍ତି ସଙ୍ଗୀତ ଲୋକାର୍ପିତ

ବାଲେଶ୍ୱର, ୨/୬ (ନି.ପ୍ର): ଉଦୀୟମାନ କଣ୍ଠଶିଳ୍ପୀ ଶ୍ୱେତାଲିସା ଶୁଭଦର୍ଶିନୀଙ୍କ ୩ଟି ଭକ୍ତି ସଙ୍ଗୀତ ନିକଟରେ ଲୋକାର୍ପିତ ହୋଇଛି। ଗତ ରବିବାର ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନରେ ଗୀତିକାର ତଥା ଏଲଆଇସିର ବରିଷ୍ଠ ଅଧିକାରୀ ପୀତାମ୍ବର ଦାସଙ୍କ ୬୦ ତମ ଜୟନ୍ତୀ ତଥା ସାରସ୍ୱତ ବନ୍ଧୁମିଳନ ଅବସରରେ ଏହି ତିନିଟି ଭକ୍ତି ସଙ୍ଗୀତ ଲୋକାର୍ପିତ ହୋଇଛି। ଗୀତ ଗୁଡ଼ିକ ହେଲା 'କାହ୍ନା କେଶବ ତୁ ରେ.., ମାଟିଖିଆ କାହ୍ନା... ଓ ଭାଗ୍ୟରେ ଥିଲେ ମଣିଷ ଜୀବନ..'। ଗୀତଗୁଡ଼ିକୁ ପୀତାମ୍ବର ଦାସ ରଚନା କରିଥିବା ବେଳେ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ସତ୍ୟରଞ୍ଜନ ମହାନ୍ତି ସ୍ୱର ଦେଇଛନ୍ତି। ଗୀତ ଗୁଡ଼ିକ ସ୍ଥାନୀୟ ଷ୍ଟେସନ ଛକସ୍ଥିତ ସତ୍ୟମ ଷ୍ଟୁଡିଓରେ ରେକର୍ଡିଂ ହୋଇଛି। ତିନିଟି ଯାକ ଗୀତ ଶ୍ରୋତାଙ୍କୁ ବେଶ୍ ଛୁଇଁବ ବୋଲି ପ୍ରଯୋଜନା ସଂସ୍ଥା ତରଫରୁ ପ୍ରକାଶ। ଏଠାରେ ଉଲ୍ଲେଖଥାଉ କି କେନ୍ଦ୍ରୀୟ ବିଦ୍ୟାଳୟର ଦ୍ୱାଦଶ ଶ୍ରେଣୀରେ ବର୍ତ୍ତମାନ ଅଧ୍ୟୟନ କରୁଥିବା ଶ୍ୱେତାଲିସା ମାତ୍ର ଚାରିବର୍ଷର ହୋଇଥିବା ବେଳେ ସଙ୍ଗୀତ ଶିକ୍ଷା ଆରମ୍ଭ କରି ରାଜ୍ୟର ବହୁ ଟିଭି ଚ୍ୟାନେଲ ପକ୍ଷରୁ ଆୟୋଜିତ ରିୟଲିଟି ସୋରେ ଅଂଶଗ୍ରହଣ କରି ରାଜ୍ୟର ବହୁ ପ୍ରତିଭାବାନ ସଙ୍ଗୀତ ନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏଥିସହିତ ବାଲେଶ୍ୱର ଓ ମୟୂରଭଞ୍ଜର ବହୁ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଶ୍ୱେତାଲିସା ବହୁ ସମ୍ମାନ ଓ ସ୍ୱୀକୃତି ପାଇଛନ୍ତି। ଏପରିକି 'ସ୍ମୃତିରେ ଆମ ଅକ୍ଷୟ, ବାଲେଶ୍ୱର' ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଅକ୍ଷୟ ସଙ୍ଗୀତ ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ହୋଇ 'ଅକ୍ଷୟ ଆଇଡଲ-୨୦୧୬' ସମ୍ମାନ ଲାଭ କରିଛନ୍ତି। ଏଠାରେ ଉଲ୍ଲେଖଥାଉ କି ଶ୍ୱେତାଲିସା ହେଉଛନ୍ତି 'ସମାଜ' ବାଲେଶ୍ୱର ସଂସ୍କରଣରେ କାର୍ଯ୍ୟରତ ବରିଷ୍ଠ ସାମ୍ବାଦିକ ଶଶିରଞ୍ଜନ ମଲ୍ଲିକ ଓ ବେତନଟୀ ରାଜସ୍ୱ ବିଭାଗରେ କାର୍ଯ୍ୟରତ ପ୍ରିୟଦର୍ଶିନୀ ମହାନ୍ତିଙ୍କ ଏକମାତ୍ର କନ୍ୟା।

ରୂପସାରେ ଟ୍ରେନ ତଳେ ବୃଦ୍ଧାଙ୍କ ଆତ୍ମହତ୍ୟା

ବସ୍ତା,୨ ।୬(ନିପ୍ର):ରୂପସା ରେଳ ଷ୍ଟେସନ ନିକଟରେ ଜନୈକା ବୃଦ୍ଧା ଡ଼ାଉନ ଲାଇନରେ ରେଳ ତଳେ ଆତ୍ମହତ୍ୟା କରିଥିବା ଜଣାଯାଇଛି। ସୂଚନାରୁ ପ୍ରକାଶ ଯେ ସ୍ଥାନୀୟ ରୂପସା ଥାନା ଅନ୍ତର୍ଗତ ପିଞ୍ଚାବଣିଆ ଗାଁର ମନୁଆ କଳାଣ୍ଡିଙ୍କ ସ୍ତ୍ରୀ ବଡ ଫୁଲ କଳାଣ୍ଡି (୬୫ବର୍ଷ) ଘରୋଇ କଳିକୁ କେନ୍ଦ୍ର କରି ରବିବାର ମଧ୍ୟାହ୍ନ ବେଳେ ରୂପସା ଷ୍ଟେସନର କିଛି ଦୂର ହଳଦୀପଦା ଆଡକୁ ଟ୍ରେନ ତଳେ ଆତ୍ମହତ୍ୟା କରିଥିବା ଶୁଣିବାକୁ ଜଣାଯାଇଛି ।ଖବର ପାଇ ରେଲବାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ବୃଦ୍ଧା ଙ୍କ ମୃତଦେହ ଉଦ୍ଧାର କରିବା ସହିତ ଅପମୃତ୍ୟୁ କେଶ ନଂ ୪୧/୨୦୨୪ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

ମର୍ମନ୍ତୁଦ ବାହାନଗା ରେଳ ଦୁର୍ଘଟଣା ପାଇଁ ଶୋକସଭା

ନୀଳଗିରି , ୨/୬ (ନି.ପ୍ର): ଗତବର୍ଷ ଜୁନ୍ ୨ ତାରିଖ ଦିନ ଘଟିଥିଲା କରମଣ୍ଡଳ ଏକ୍ସପ୍ରେସର ବାହାନଗା ଠାରେ ଏକ ବଡ଼ ରେଳ ଦୁର୍ଘଟଣା। ଏକା ଥରକେ ତିନୋଟି ରେଳ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା । ଅତି ଭୟଙ୍କର ଥିଲା ଏହି ରେଳ ଦୁର୍ଘଟଣା । ୩ଶହରୁ ଉର୍ଦ୍ଧ୍ୱ ଯାତ୍ରୀ ମୃତ୍ୟୁ ବରଣ କରିଥିଲେ। ଆଜି ଏହି ଉପଲକ୍ଷେ ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ ଔପଦା ବ୍ଲକ୍ ଅନ୍ତର୍ଗତ ଈଶ୍ୱର ପୁର ପଞ୍ଚାୟତର ଈଶ୍ୱରପୁର ହାଇସ୍କୁଲର ୧୯୮୮ ମସିହାର ପୁରାତନ ଛାତ୍ର ମାନେ ସେଠାକୁ ଯାଇ ମୃତ୍ୟୁ ବରଣ କରିଥିବା ଯାତ୍ରୀ ମାନଙ୍କ ପାଇଁ ଦୁଇ ମିନିଟ ଶୋକ ସଭା ପାଳନ

କରିଥିଲେ । ଏକ ବୈଠକ କରି ସେଇ ଦୁଃଖଦ ଘଟଣାକୁ ଆଲୋଚନା କରି ମୃତ୍ୟୁ ବରଣ କରିଥିବା ଯାତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳୀ ଜଣାଇ ଦୁଃଖ ସନ୍ତପ୍ତ ପରିବାର ମାନଙ୍କ ବିଷୟରେ ଆଲୋଚନା କରିଥିଲେ । ଏଥିରେ ଅରବିନ୍ଦ ସାହୁ (ଟୁକୁନା) ସଙ୍ଗୀତ ନିର୍ଦ୍ଦେଶକ ଟୁନୁ ପଟ୍ଟନାୟକ, ଅଜିତ ମହାପାତ୍ର, ଦୀପ୍ତି କାନ୍ତ ଦାସ, ବଟକୃଷ୍ଣ ବେହେରା, ସୁମନ୍ତ କୁମାର ବେହେରା, ଶରତ ସ, ନିରଞ୍ଜନ ବରାଳ, ସିଦ୍ଧେଶ୍ୱର ବିନ୍ଧାଣି, ବଳରାମ ସ, ଦୀନବନ୍ଧୁ ବାରିକ, କୈଳାଶ ମଲ୍ଲିକ ଇତ୍ୟାଦି ଉପସ୍ଥିତ ଥିଲେ ।

ଉଦଳା ଏନ୍‌ଏସିରେ ଭୋଟଦାନ ହାର ୭୫ ପ୍ରତିଶତ

ଉଦଳା , ୨/୬ (ନି.ପ୍ର): ନିର୍ବାଚନ ପହଁଚିଲେ ଉଦଳା ଏନ୍‌ଏସିର ନାମଟି ବିଭିନ୍ନ ମହଲରେ ଚର୍ଚ୍ଚାକୁ ଆସିଥାଏ । କାରଣ ବିଗତ ଦିନର ବିଧାନସଭା ନିର୍ବାଚନ ଗୁଡ଼ିକର ଫଳାଫଳକୁ ଲକ୍ଷ କଲେ ଜଣାଯାଏ ପ୍ରତିଥର ଉଦଳା ଏନ୍‌ଏସି ହିଁ ଏଠାରେ ନିର୍ଣ୍ଣାୟକ ଭୂମିକା ଲିଭାଉଛି । ସବୁଠାରୁ ବଡ଼କଥା ଏଠାକାର ଭୋଟର ଟଙ୍କାରେ ମୁଣ୍ଡ ବିକନ୍ତି ନାହିଁ କିମ୍ବା ମଦ, ମାଂସର ପ୍ରଲୋଭନର ଶିକାର ହୁଅନ୍ତି ନାହିଁ । ଏହା ବିଗତ ଦିନର ପୌର ନିର୍ବାଚନରେ ବହୁବାର ପ୍ରମାଣିତ ହୋଇ ସାରିଛି । ଏଥିପାଇଁ ସମଗ୍ର ଓଡ଼ିଶାରେ ଉଦଳା ଏନ୍‌ଏସିର ରହିଛି ସ୍ୱତନ୍ତ୍ର ସମ୍ମାନ । ଏପରିକି ପଂଚାୟତ ନିର୍ବାଚନ ମାନଙ୍କରେ ସେଠାକାର ଜ୍ଞାନି ଗୁଣି ଲୋକେ ଉଦଳା ଏନ୍‌ଏସିକୁ ଦୃଷ୍ଟାନ୍ତ ଭାବରେ ନେଇ ବାରମ୍ବାର ଲୋକଙ୍କୁ ବୁଝାଇଥାନ୍ତି । ପୁଣି ଉଦଳା ଏନ୍‌ଏସିର ଏହିଭଳି ସ୍ୱାଭିମାନି ଭୋଟରଙ୍କ ଯୋଗୁଁ ମୁଁ ଆଜି ଏଠାରେ ନଗରପାଳ ହୋଇପାରିଛି ବୋଲି ପ୍ରମିଳା ପଣ୍ଡା କହିଛନ୍ତି । ଏହିଭଳି ସ୍ୱାଭିମାନି ଭୋଟରଙ୍କ ମେଳ ଯେଉଁ ମାନସିକ ଶାନ୍ତି ପ୍ରଦାନ କରିଥାଏ ତାହା ଅନ୍ୟ କେଉଁଠି ମିଳେ ନାହିଁ ବୋଲି ଉଦଳା ଏନ୍‌ଏସିର ଭୋଟର ଚଳଚିତ୍ର ଅଭିନେତ୍ରୀ ସୁଇଟି ପଟ୍ଟନାୟକ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି । ଶେଷରେ ବହୁ ଭୋଟର ଏକସ୍ୱରରେ କହିଛନ୍ତି 'ପର ଭରଷାରେ ଶାସନ ଡ଼ୋର, ମୂଳ ବି ବୁଡ଼ିବ ଗୁମାସ୍ତା କଲେ ବେପାର ।'

କାଳବୈଶାଖୀ ପ୍ରଭାବରେ ଭାଙ୍ଗିଲା ବହୁ ପୁରାତନ ବରଗଛ

ନୀଳଗିରି , ୨/୬ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ୍ କାଂଶ ବଜାର ନିକଟରେ ଥିବା ବହୁ ପୁରୁଣା ବରଗଛଟି ଆଜି ଅପରାହ୍ନରେ ହୋଇଥିବା କାଳବୈଶାଖୀ ପବନ ଏବଂ ବର୍ଷାରେ ଉପୁଡ଼ି ପଡ଼ିଥିବାରୁ ଯାତାୟତରେ ଅସୁବିଧା ହେଉଥିଲା। ଖବରପାଇ ନୀଳଗିରି ଅଗ୍ନିଶମ ବିଭାଗର କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି କଟର ମେସିନ ସାହାଯ୍ୟରେ ଗଛଟିକୁ କାଟିଥିଲେ। ଫଳରେ ଯାତାୟାତ ସ୍ୱାଭାବିକ ହୋଇଥିବା ଜଣାପଡିଛି।

ଏକ୍‌ଜିଟ୍ ପୋଲର ଆକଳନ ସତ ହେବ: ଜୟନାରାୟଣ ମିଶ୍ର

ଭୁବନେଶ୍ୱର, ୨/୬ (ନି.ପ୍ର): ବିଭିନ୍ନ ଜାତୀୟ ଗଣମାଧ୍ୟମରେ ଦ୍ୱାରା ହୋଇଥିବା ଏକ୍‌ଜିଟ୍ ପୋଲର ଆକଳନ ସତ ହେବ ଏହା କହିଛନ୍ତି ବିରୋଧୀ ଦଳର ନେତା ତଥା ବରିଷ୍ଠ ବିଜେପି ନେତା ଜୟ ନାରାୟଣ ମିଶ୍ର। ଗଣମାଧ୍ୟମର ପ୍ରତିନିଧିଙ୍କୁ ମାନଙ୍କ ସହ କଥାବାର୍ତ୍ତା ବେଳେ କହିଛନ୍ତି ଯେ, ସମ୍ବଲପୁରରେ ବିଜେଡି ଟଙ୍କାରେ ଖେଳିବାକୁ ଚାହିଁଲା ଏବଂ ବିଜେପି ଲୋକସମ୍ପର୍କ ବଢ଼ାଇଲା। ବ୍ୟାପକ ଲୋକସମ୍ପର୍କ ବିଜେପିକୁ ବଡ଼ ବିଜୟ ଭେଟି ଦେବ। ସମ୍ବଲପୁର ଲୋକସଭା ଆସନରେ ବିଜେପି ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ୨ ଲକ୍ଷରୁ ଅଧିକ ଭୋଟରେ ବିଜୟୀ ହେବେ।

ମୁନିରାଙ୍କୀ ଗୀତାଞ୍ଜଳୀ ବାରିକଙ୍କ ଶୁଭ ଜନ୍ମଦିନ ପାଳନ

ରୂପସା , ୨/୬ (ନି.ପ୍ର): ହାତିଆଡିହା ଶିବମୁନି ଯୋଗାଶ୍ରମର ବରିଷ୍ଠ ଯୋଗ ସାଧକ, ଆତ୍ମଜ୍ଞାନୀ ଯୋଗୀ ପରମାନନ୍ଦ ମୁନି ଜୀ ଙ୍କ ଧର୍ମପତ୍ନୀ ମୁନିରାଙ୍କୀ ଗୀତାଞ୍ଜଳୀ ବାରିକଙ୍କ ୬୨ ତମ ଶୁଭ ଜନ୍ମଦିନ,ଯୋଗୀ ପରମାନନ୍ଦ ମୁନି ଜୀ ଙ୍କ ଅଧ୍ୟକ୍ଷତାରେ ମହା ସମାରୋହରେ ପାଳିତ ହୋଇଯାଇଛି ।ମୁଖ୍ୟ ଅତିଥି ହିସାବରେ ଯୋଗଦାନ କରିଥିଲେ,୨୦୦୬ ମସିହାରେ, ଦକ୍ଷିଣ ପୂର୍ବ ରେଏଲ୍‌ଓଏ ରେ ସମ୍ମାନୀତ ହୋଇଥିବା ସର୍ବଶ୍ରେଷ୍ଠ ଆଦର୍ଶ ରେଲ୍‌ଓଏ ଷ୍ଟାଫ୍ ନର୍ସ , ଆତ୍ମଜ୍ଞାନୀ ମୁନିମତୀ ସ୍ୱଦାମିନୀ ବାରିକ ଏବଂ ବକ୍ତା ହିସାବରେ ଯୋଗଦାନ କରିଥିଲେ ଆତ୍ମଜ୍ଞାନୀ ମୁନିମତୀ ସନ୍ତୋଷିନୀ ବାରିକ ପ୍ରମୁଖ ।ମୁନି ସମାଜର ଯମ ନିୟମ

ପାଳନ ପୂର୍ବକ ପ୍ରତିଦିନ ଯୋଗ ସାଧନ କରି ଚାଲିଲେ,ନିଶ୍ଚିତ ଶାରୀରିକ ମାନସିକ ପାରିବାରିକ ଆତ୍ମିକ ଏବଂ ସାମାଜିକ ସୁଖ ଶାନ୍ତି ଆନନ୍ଦ ମିଳିବ ହିଁ ମିଳିବ,ସମସ୍ତେ ଦୃଢ଼ ଭାବରେ ପ୍ରକାଶ କରିଥିଲେ । ପ୍ରଥମେ ସମୂହ ପ୍ରଣବ ଶୁଭ ଭାବନା ବେଦ ପାଠ ଶାନ୍ତି ପାଠ କରାଯାଇ ଆୟୁଷ୍ମତୀ ମୁନିରାଙ୍କୀ ଗୀତାଞ୍ଜଳୀ ବାରିକଙ୍କୁ,ତାଙ୍କର ଦୀର୍ଘ ନୀରୋଗ ନିରାମୟ ଆନନ୍ଦମୟ ଜୀବନର ସମୂହ ଶୁଭ ଆଶିର୍ବାଦ ପ୍ରଦାନ କରାଯାଇଥିଲା। ଉପସ୍ଥିତ ଥିଲେ ମୁନି ସୁଚିତ୍ର ନାୟକ,ମୁନି କୁମାର ଶ୍ରୀୟାନଶ ନାୟକ,ମୁନି କୁମାରୀ ଦୀକ୍ଷା ପ୍ରିୟ ଦର୍ଶନୀ ନାୟକ,ମୁନି କୁମାରୀ ରାଜଶ୍ରୀ ରାଜ ନନ୍ଦିନୀ ବେହେରା,ମୁନି କୁମାରୀ ଜୟଶ୍ରୀ ଜୟ ନନ୍ଦିନୀ ବେହେରା ପ୍ରମୁଖ ।ଶେଷରେ ମୁନିମତୀ ସ୍ୱଦାମିନୀ ବାରିକ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ଏକାତ୍ମ ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ।

ବନବିଭାଗ ଲୋକଙ୍କୁ ସୁରକ୍ଷା ଦେବାରେ ବିଫଳ: ଏକବଖରା ଘର ଭାଙ୍ଗିଲେ ହାତୀପଲ

ନୀଳଗିରି , ୨/୬ (ନି.ପ୍ର): ଗତ ଗୁରୁବାର ପ୍ରତ୍ୟୁଷରେ ଝାଡ଼ଖଣ୍ଡ ଦଲମା ଅଭୟାରଣ୍ୟର ୪୬ରୁ ଉର୍ଦ୍ଧ୍ୱ ଏକ ହାତୀପଲ ମୟୂରଭଞ୍ଜ ସୀମାନ୍ତ ପାରହୋଇ ପୁଦାଳ କାଠପାଳ ରାସ୍ତା ଦେଇ ଅଯୋଧ୍ୟା ଗୋପାଳପୁର ସଂରକ୍ଷିତ ଜଙ୍ଗଲରେ ପ୍ରବେଶ କରିଥିଲେ। ଏନେଇ ନୀଳଗିରି ବନବିଭାଗ ଦ୍ୱାରା ତିନିକୋଶିଆ ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମ ମାନଙ୍କରେ ଢ଼ାକବାଜି ଯନ୍ତ୍ର ଦ୍ୱାରା ସଚେତନ କରିଥିଲେ ମଧ୍ୟ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି। ଗତ ଶନିବାର ରାତି ପ୍ରାୟ ୧୦ଟା ବେଳେ ଉକ୍ତ ହାତୀପଲ ଜଙ୍ଗଲ ମଧ୍ୟରୁ ବାହାରି ଭଉଁରୀଆବାଡ଼ ପଞ୍ଚାୟତ



କୁଡୁମିପାଳ ଗ୍ରାମରେ ପଶି କାର୍ତ୍ତିକ ସିଂଙ୍କ ଏକ ବଖରା ଘରକୁ ଭାଙ୍ଗିଥିବା ବେଳେ ଘର ଭିତରେ ଥିବା ଧାନବସ୍ତା ଖାଇବା ସହ ଆସବାବ ପତ୍ର ଭାଙ୍ଗିଚୁଜି ଦେଇଥିବା ବେଳେ ଅଳ୍ପକେ ପରିବାର ଲୋକ ହାତୀ ଆକ୍ରମଣରୁ ବର୍ତ୍ତି ଯାଇଛନ୍ତି। ତେବେ କାର୍ତ୍ତିକ ଜଣେ ଦିନ ମଜୁରିଆ ହୋଇଥିବାରୁ ତାଙ୍କୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ କରାଯାଉ ବୋଲି ଅଞ୍ଚଳବାସୀ ଦାବୀ କରିଛନ୍ତି। ବନବିଭାଗ ସୂଚନା ଅନୁଯାୟୀ ରବିବାର ସନ୍ଧ୍ୟା ପର୍ଯ୍ୟନ୍ତ ହାତୀପଲ ଗୋପାଳପୁର ଜଙ୍ଗଲରେ ରହିଥିବା ବେଳେ ଜଙ୍ଗଲ ଚତୁର୍ପାର୍ଶ୍ୱରେ ବନକର୍ମଚାରି ଜଗି ରହିଛନ୍ତି।

ସାମାଜିକ ସୁରକ୍ଷାରୁ ବଂଚିତ ୭୦ ବର୍ଷ ବୟସର ବୃଦ୍ଧ 'ଛାଟିଆ'

ଉଦଳା , ୨/୬ (ନି.ପ୍ର):- ଯେ ହେଉଛି ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ୱାର୍ଡ଼ ନଂ- ୧୧ର ଦୃଶ୍ୟ। ଉକ୍ତ ୱାର୍ଡ଼ର ବାସିନ୍ଦା ୪ ଗୋବିନ୍ଦ ମାର୍ଣ୍ଡିଙ୍କ ପୁତ୍ର ଛାଟିଆଙ୍କୁ ବର୍ତମାନ ବୟସ ୭୦ ବର୍ଷ ଛୁଇଁଲାଣି । ଅଥଚ ସେ ବର୍ତମାନ ସୁଦ୍ଧା ସାମାଜିକ ସୁରକ୍ଷା ଯୋଜନାରେ ମିଳୁଥିବା ଭତା

ପାଇପାରି ନଥିବାର କଥା ଜଣାଇଛନ୍ତି । ତାଙ୍କର ଆଧାର କାର୍ଡ଼ ନଥିବାରୁ ସେ ସାମାଜିକ ସୁରକ୍ଷା ଯୋଜନାରେ ସାମିଲ ହୋଇପାରି ନଥିବାର ସରକାରୀ ବାବୁ ମାନେ ସଫେଇ ଦେଇଛନ୍ତି । ଛାଟିଆଙ୍କ ସହଧର୍ମିଣିଙ୍କର ଆଜକୁ ୧୫ ବର୍ଷ ପୂର୍ବେ ଦେହାନ୍ତ ହୋଇ ଯାଇଛି । ସେହିପରି ପୁତ୍ର ଚଳିବା ପାଇଁ ଏଠାରେ କୌଣସି କାମଧନ୍ଦା ନପାଇବାରୁ ବାହାର ରାଜ୍ୟକୁ ବାଧ୍ୟ ହୋଇ ଦାଦନ ଖଟିବାକୁ ଯାଇଛି । ବର୍ତମାନ ଘରେ ଏକାକି ଛାଟିଆ ରହୁଥିବାର ଦେଖିବାକୁ ମିଳିଛି । ଦିନେ କାମକୁ ନଗଲେ ଘରେ ଚୁଲି ଜଳୁ ନଥିବା ଏହିଭଳି ଏକ ଗରିବ ପରିବାରର ବର୍ତମାନର ଦୁଃଖ କହିଲେ ନସରେ । ମତେ ଘରେ ଆଣି ଭତା ଟଙ୍କା ଦେଇଦେଲେ ଭଲ ହୁଅନ୍ତା ବୋଲି ଛାଟିଆ ଗୁହାରି ଜଣାଛନ୍ତି ।

ବିଜ୍ଞାପନ

ମହାନ୍ତି ମେଗାମାର୍ଟ

ରେମୁଣା ଗୋଲେଇ, ବାଲେଶ୍ୱର

ପ୍ରୋ : ରାକେଶ ମହାନ୍ତି

ମୋ-୭୦୦୮୪୮୩୯୯୬

ଏତଦ୍ୱାରା ଜଣା